## ଆଜି ଚାଲିବ ଟାଟାନଗର-ବାଦାମପହାଡ଼ ଟ୍ରେନ୍

ରାଇରଙ୍ଗପୁର, ୨୯ ।୨(ସମିସ): ଚକ୍ରଧରପୁର ରେଳ ମଣ୍ଡଳ ଦ୍ୱାରା ମାର୍ଚ୍ଚ ୧ ତାରିଖରୁ ନୂତନ ମେମୁ ଟ୍ରେନ ନମ୍ବର ଅପ ୦୮୧୫୩ ଓ ଡାଉନ ୦୮୧୫୪ ଦୈନିକ ସାନ୍ଧ୍ୟକାଳୀନ ଟାଟାନଗରରୁ ବାଦାମପହାଡ଼ ମେମୁ ଟ୍ରେନକୁ ଶୁକ୍ରବାର ସକାଳ ୧୧ଟା ସମୟରେ ଉଦଘାଟନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ରେଳବାଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ମେମୁ ଟ୍ରେନକୁ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଲୋକାର୍ପଣ କରାଯିବ। ଟାଟାନଗର-ବାଦାମପହାଡ଼ ମେମୁ ଟ୍ରେନ ୨ମାର୍ଚ୍ଚରୁ ସନ୍ଧ୍ୟା ୬ଟାରେ ଟାଟାନଗର ଛାଡି ବାଦାମପହାଡ଼ରେ ରାତି ୯.୦୫ରେ ପହଞ୍ଚିବ। ପୁଣି ରାତି ୧୧.୩୦ରେ ଟାଟାନଗରରେ ପହଞ୍ଚିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଏହି ଟ୍ରେନ ସନ୍ଧ୍ୟାରେ ଟାଟାନଗର ଓ ରାତିରେ ବାଦାମପହାଡ଼ ଠାରୁ ପରିଚାଳନା ଯୋଗୁଁ ଯାତ୍ରୀମାନେ ଉପକୃତ ହେବେ ଏବଂ ତାଙ୍କର ସାମାଜିକ ସୁରକ୍ଷା ଓ ଆର୍ଥିକ ଉନ୍ନତି ସାଧନ ହେବ ବୋଲି ବହଳଦାର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି କହିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଦକ୍ଷିଣ- ପୂର୍ବାଞ୍ଚଳ ରେଳବାଇ ଜେନେରାଲ ମ୍ୟାନେଜର ଅନିଲ କୁମାର ମିଶ୍ରା, ଚକ୍ରଧରପୁର ରେଳ ମଣ୍ଡଳ ଅନିଲ ଜେ. ରାଠୌଡ ସହିତ ରେଳବାଇ ବୋର୍ଡର ପ୍ରଶାସନିକ ଅଧିକାରୀଙ୍କୁ ରାଇରଙ୍ଗପୁର ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

## ତୃତୀୟ ପର୍ଯ୍ୟାୟରେ ୫ ନୂଆ ବ୍ୟାଙ୍କ୍ ଉଦ୍‌ଘାଟିତ



ଶୁକୃଳି, ୨୯।୨(ସମିସ): ଲୋକଙ୍କୁ ବ୍ୟାଙ୍କ୍ ସେବା ପାଇଁ ଆଉ ଦୂରଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। ବର୍ତ୍ତମାନ ପ୍ରତ୍ୟେକ ପଞ୍ଚାୟତ ମୁଖ୍ୟାଳୟରେ ଖୋଲିଲା ଆମ ବ୍ୟାଙ୍କ। ଆଉ ଏହାର ଲାଭ ସବୁଠୁ ଅଧିକ ଭତ୍ତା ହିତାଧିକାରୀ, ଏସଏଚଜିର ମା'ମାନେ ଏବଂ ସାଧାରଣ ଜନତା। ଏହି ପରିପ୍ରେକ୍ଷୀରେ ଗୁରୁବାର ମୟୂରଭଞ୍ଜ ଜିଲ୍ଲା ଶୁକୃଳି ବ୍ଲକରେ ପାଞ୍ଚଟି ନୂତନ ବ୍ୟାଙ୍କର ଶୁଭାରମ୍ଭ ହୋଇଛି। ଶୁକୃଳି ବ୍ଲକ ଗାଲୁସାହି ପଞ୍ଚାୟତରେ ମଧ୍ୟ ନୂତନ ବ୍ୟାଙ୍କର ଶୁଭାରମ୍ଭ ହୋଇଛି। ଉଦଘାଟନୀ ଉତ୍ସବରେ ବିଡିଓ ବ୍ରହ୍ମାନନ୍ଦ ବେହେରା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦଶରଥ ମହାନ୍ତ, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁ, ଖୃଟିଂ ସରପଞ୍ଚ ଅଙ୍କିତା ବେହେରା, ଗାଲୁସାହି ସରପଞ୍ଚ ଉଷାରାଣୀ ନାଏକ ପ୍ରମୁଖ ଯୋଗଦେଇ ବ୍ୟାଙ୍କ୍ ଖୋଲିବାର ଆଭିମୁଖ୍ୟ ଏବଂ ସାଧାରଣ ଜନତା କିଭଳି ଏହାର ସୁବିଧା ନେଇପାରିବେ ସେ ନେଇ ଅବଗତ କରିଥିଲେ। ପଞ୍ଚାୟତରେ ଆମବ୍ୟାଙ୍କ ଖୋଲିଥିବାରୁ ମୁଖ୍ୟମନ୍ତ୍ରୀ ଶୁକୃଳିବାସୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

## ୨ୟ ପର୍ଯ୍ୟାୟରେ ଯାତ୍ରା କରିବେ ୨୪୫ ବରିଷ୍ଠ ନାଗରିକ

ବାରିପଦା, ୨୯ ।୨(ସମିସ): ପର୍ଯ୍ୟଟନ ବିଭାଗ ଏବଂ ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ତରଫରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆସନ୍ତା ୨ରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ବାରିପଦାରୁ ଶୁକ୍ରବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ତୀର୍ଥଯାତ୍ରୀଙ୍କ ଦ୍ୱିତୀୟ ପର୍ଯ୍ୟାୟ ଯାତ୍ରା ଶୁଭାରମ୍ଭ ହେବ। ଜିଲ୍ଲାପାଳ ଏହି ତୀର୍ଥ ଯାତ୍ରାକୁ ସବୁଜ ପତାକା ଦେଖାଇ ବାରିପଦାରେ ଶୁଭାରମ୍ଭ କରିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା ଶେଷ ହୋଇଛି। ସୂଚନା ଅନୁସାରେ, ଜିଲ୍ଲାରୁ ୨୪୫ ବରିଷ୍ଠ ନାଗରିକଙ୍କୁ ଏହି ତୀର୍ଥ ଯାତ୍ରାରେ ଆଗ୍ରା-ମଥୁରା ତୀର୍ଥ ସ୍ଥାନକୁ ନେଇ ଯାତ୍ରା



କରାଯିବା ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମର ଜିଲ୍ଲା ସଞ୍ଚାଳିକା ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସତ୍ୟଭାମା ବେହେରାଙ୍କ ସୂଚନା ଅନୁସାରେ, ଏହି ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱଳ୍ପ ସମୟ ରହଣି ବ୍ୟବସ୍ଥା ଜିଲ୍ଲା ସଦର ମହକୁମା ବାରିପଦା ଷ୍ଟାଡିୟମରେ କରାଯିବ। ଏଥିସହିତ ସେମାନଙ୍କ ଖାଦ୍ୟପେୟ, ଶୌଚ ଆଦି ପାଇଁ ବ୍ୟବସ୍ଥା କରାଯିବା ସହିତ ସେହିଦିନ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କାର୍ଯ୍ୟ କରାଯିବ। ଏହି ପରିପ୍ରେକ୍ଷୀରେ, ବରିଷ୍ଠ ନାଗରିକଙ୍କ ସୂଚନା ଓ ବିଭିନ୍ନ ବିଷୟରେ ଅବଗତି ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଡ଼ାକବାଜି ଯନ୍ତ୍ରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଆରକ୍ଷୀ ବାହିନୀକୁ ଷ୍ଟାଡିୟମରେ ମୁତୟନ କରାଯାଇଛି। ସୂଚନା ଥାଉକି, ଏହି ବରିଷ୍ଠ ତୀର୍ଥଯାତ୍ରୀମାନେ ମାର୍ଚ୍ଚ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଉକ୍ତ ସ୍ଥାନକୁ ଟ୍ରେନ ଯୋଗେ ବାଲେଶ୍ୱରରୁ ଯିବେ ଏବଂ ନିର୍ଦ୍ଧାରିତ ସ୍ଥାନରୁ ଫେରି ନିଜ ନିଜ ଅଞ୍ଚଳକୁ ଫେରିଯିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

### ପାନୀୟ ଜଳ ସମସ୍ୟା ନେଇ ବ୍ଲକ ଆଗରେ ଧାରଣା

# ୩ ଦିନରେ ସମାଧାନ କରିବାକୁ ବିଡିଓଙ୍କ ପ୍ରତିଶ୍ରୁତି



ବେତନଟୀ, ୨୯।୨(ସମିସ)

ବେତନଟୀ ବ୍ଲକ ଆଗ୍ରିଆ ପଞ୍ଚାୟତ ପାଟପୁର ଗ୍ରାମରେ ଦୀର୍ଘବର୍ଷ ଧରି ପାନୀୟଜଳ ସମସ୍ୟାକୁ ନେଇ ଅସନ୍ତୋଷ ଲାଗି ରହିଛି। ଫଳରେ ଗୁରୁବାର ବାଧହୋଇ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ମୁତାବକ, ଆଗ୍ରିଆ ପଞ୍ଚାୟତର ଏକନମ୍ବର ୱାର୍ଡ ଗବପାଳରେ ନିର୍ମିତ ଟାଙ୍କି ପାଣି ପାଟପୁର ଗ୍ରାମରେ ପହଞ୍ଚି ପାରୁନାହିଁ। ଫଳରେ ଗ୍ରାମବାସୀ ଖରାଦିନ ପିଇବା ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତର ୪ନମ୍ବର ୱାର୍ଡ ପାଟପୁରଠାରେ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ନେଇ ପୂର୍ବରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦ ଜଣାଇ ଆଜି ଆଦିବାସୀ ନେତା ମାନସିଂ ମାର୍ଣ୍ଡିଙ୍କ ନେତୃତ୍ୱରେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ପରେ ବିଡିଓ ଡ. ଅମୃତ କୁମାର ରାଉଳ ଆଦିବାସୀ ନେତା ମାନସିଂ ମାର୍ଣ୍ଡି ଏବଂ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏସଡ଼ିଓଙ୍କ ସହିତ ଆଲୋଚନା କରି ଆସନ୍ତା ୩ ଦିନ ମଧ୍ୟରେ ପାନୀୟଜଳ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ଧାରଣାରୁ ହଟିଥିଲେ। ତେବେ ପାନୀୟଜଳ ସମସ୍ୟାର ସମାଧାନ ନ ହେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଧାରଣାରେ ଗ୍ରାମର ମଧୁସୂଦନ ମାର୍ଣ୍ଡି, ବିକ୍ରମ ମାର୍ଣ୍ଡି, ଟିପୁ ମୁର୍ମୁ, ସିଙ୍ଗରାୟ ମୁର୍ମୁ, ରଘୁନାଥ ଟୁଡୁ, ସଲମା ଟୁଡୁ, ଫୁଲମଣି କିସ୍କୁ, ବେଲ୍‌ହା ମାର୍ଣ୍ଡି, ଲକ୍ଷ୍ମୀ ମହାନ୍ତ, ଲଳିତା ମହାନ୍ତ, ସୁମତି ମୁର୍ମୁ ପ୍ରମୁଖ ବସିଥିଲେ।

### ■ ମହୁଲଡିହାରେ ସୁଧୁରୁନି ପାନୀୟ ଜଳ ସମସ୍ୟା

## ପଞ୍ଚାୟତରେ ତାଲା ପକାଇଲେ ଗ୍ରାମବାସୀ

ମହୁଲଡିହା, ୨୯।୨ (ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଗ୍ରାମରେ ପାନୀୟ ଜଳ ଯୋଗାଣ ସମସ୍ୟା ଦୀର୍ଘଦିନ ହେଲା ଲାଗି ରହିଛି। ପୂର୍ବରୁ ସମସ୍ୟା ବାବଦରେ ଦୈନିକ 'ସକାଳ'ରେ ୨୦୨୩ ଡିସେମ୍ବରରେ ଏକ ଖବର ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାସନ ନିଦାବିଷ୍ଟ ସାଜି ଏହି ସମସ୍ୟାକୁ ସୁଧାରିବା ଦିଗରେ ବିଫଳ ହୋଇଛି। ଏହି ଗ୍ରାମର ୪ଟି ସାହିରେ ପାଖାପାଖି ୬ ଶହ ପରିବାର ବସବାସ କରୁଛନ୍ତି। ଏହି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦୁଇଟି ବୋରିଂ କରାଯାଇ ଏକ ଲକ୍ଷ ଲିଟର ଦକ୍ଷତା ବିଶିଷ୍ଟ ସୁଉଚ୍ଚ ପାଣିଟାଙ୍କି ମଧ୍ୟ ରହିଛି। ଏହି ପାଣି ଟାଙ୍କିରୁ ଲୋକମାନେ ପାଣି ପାଇବା ପାଇଁ ଭରସା କରି ରହିଛନ୍ତି। ମାତ୍ର ଅଧିକାଂଶ ସମୟ ପ୍ରକଳ୍ପରେ ଯାନ୍ତ୍ରିକ ତ୍ରୁଟି ଓ ବିଦ୍ୟୁତ ସମସ୍ୟା ପାଇଁ ଲୋକେ ପାଣି ପାଇପାରୁନାହାନ୍ତି। ଗ୍ରାମକୁ ଯାଇଥିବା ପାଇପଗୁଡ଼ିକ ଅଧିକାଂଶ ସ୍ଥାନରେ ଫାଟିଯାଇ ପାରି ଅନବରତ ବୋହିବାରେ ଲାଗିଛି। ପ୍ରାୟ ୬୦୦ମିଟର ଦୂରରତାରେ ଥିବା ଅଫିସ ଓ ହାଇସ୍କୁଲ ସାହିବାସୀ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଜି ଗ୍ରାମବାସୀ ଉତ୍ୟକ୍ତ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ମୁଖ୍ୟ ଗେଟ୍‌ରେ ତାଲା ପକାଇଦେଇ ସରପଞ୍ଚଙ୍କୁ ସମାଧାନ ନିମନ୍ତେ ଦରଖାସ୍ତ ଦେଇଥିବା ଜଣାପଡ଼ିଛି। ପ୍ରକାଶ ଥାଉ କି, ଆଜକୁ ତିନି ଦିନ ହେବ ଗ୍ରାମବାସୀ ପାଣି ପାଇବାରୁ ବଞ୍ଚିତ ଅଛନ୍ତି। ପଞ୍ଚାୟତ ପରିସରରେ ଅଙ୍ଗନବାଡ଼ି କେନ୍ଦ୍ର ଥିବାରୁ ଗଳାବାଟରେ ଯାଇ କର୍ମୀ



ଓ ପିଲାମାନେ ସେଣ୍ଟରକୁ ଯାଇ ପରିସରରେ ଥିବା ନଳକୂପ ଅଚଳ ଥିବାରୁ ପାଣି ପାଇଁ ବଜାର ନଳକୂପ ଉପରେ ନିର୍ଭର କରୁଛନ୍ତି। ବର୍ତ୍ତମାନ ପାଣି ପାଇଁ ସାହି ସାହିରେ ମତାନ୍ତର ହୋଇ ପମ୍ପ ଘରେ ଗୋଟିଏ ସାହି ଆସି ଚାବି ପକାଉ ଥିବାବେଳେ ଅନ୍ୟ ସାହିର ଲୋକେ ଭାଙ୍ଗି ଦେଉଛନ୍ତି। ଉକ୍ତ ପ୍ରକଳ୍ପର ଚାଳକ ପ୍ରଶାସନକୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ପ୍ରକାଶ କରିଛନ୍ତି।

### ■ ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ଦାବିରେ ଆଜି ଠାକୁରମୁଣ୍ଡା ବନ୍ଦ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ସ୍ମାରକପତ୍ର

ଠାକୁରମୁଣ୍ଡା, ୨୯।୨(ସମିସ)

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ସଦର ମହକୁମାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ନେଇ ଜନସାଧାରଣ ଦୀର୍ଘ ବର୍ଷ ହେଲା ଦାବି କରିଆସୁଛନ୍ତି; ହେଲେ କୌଣସି ଦାବି ପୂରଣ ହେଉ ନ ଥିବାରୁ ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ଠାକୁରମୁଣ୍ଡା ବନ୍ଦ ଡାକରା ଦିଆଯାଇଛି। ୫-ଟି ଅଧକ୍ଷ କାର୍ତ୍ତିକ କରଞ୍ଜିଆକୁ ଅଭିଯୋଗ ଶୁଣାଣି ପାଇଁ ଆସିଥିବାବେଳେ ଠାକୁରମୁଣ୍ଡା ସରପଞ୍ଚଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭେଟି ବସଷ୍ଟାଣ୍ଡ ଓ ଶୌଚାୟଳ ନିର୍ମାଣ ପାଇଁ ଏକ ଦାବିପତ୍ର ଦେଇଥିଲେ। ଖୁବ ଶୀଘ୍ର ବସଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ କରାଯିବ ବୋଲି ସେ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ କୌଣସି କାର୍ଯ୍ୟ ନହେବାରୁ ଠାକୁରମୁଣ୍ଡା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ କରଞ୍ଜିଆ ଜନ ଅଭିଯୋଗ ଶୁଣାଣିରେ ଜଣାଇଥିଲେ। ଜିଲ୍ଲାପାଳ ମଧ୍ୟ ଅତିଶୀଘ୍ର ଏହି ପ୍ରକଳ୍ପ ନିର୍ମାଣ ପାଇଁ ଉପଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ଦାବିପତ୍ର ଦିଆଯିବାର ଇତିମଧ୍ୟରେ ଦୁଇମାସ ବିତିଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ



ମଧ୍ୟରେ ତୀବ୍ର ଅସନ୍ତୋଷ ଦେବାଦେବା ସହିତ ଆସନ୍ତାକାଲି ଠାକୁରମୁଣ୍ଡା ବନ୍ଦ ଡାକରା ଦିଆଯାଇଛି। ଏ ନେଇ ବିଡିଓ ମନୋଜ କୁମାର କାର୍ଜିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦ୍ୟେଶରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

## ବୁଲା ଷଣ୍ଢ ଆକ୍ରମଣରେ ବୃଦ୍ଧଙ୍କ ହାତ ଭାଙ୍ଗିଲା

ମହୁଲଡିହା, ୨୯।୨ (ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ବଜାରରେ ବୁଲା ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧଙ୍କ ହାତ ଭାଙ୍ଗିଯାଇଛି। ଆହତ ବୃଦ୍ଧ ଜଣକ ହେଉଛନ୍ତି ଗୌଡ଼ିଆବାହାଳି ଗାଁର ଗୋବର୍ଦ୍ଧନ ମହାନ୍ତ (୭୦)। ଗୋବର୍ଦ୍ଧନ ଫଟୋ ଉଠାଇବା ପାଇଁ ଚାଲି ଚାଲି ମହୁଲଡିହା ବଜାରକୁ ଆସିଥିବା ସମୟରେ ଷଣ୍ଢଟି ପଛପଟୁ ଟେକି କଚାଡ଼ି ଦେଇଥିଲା। ପରେ ତାଙ୍କ ପୁଅ ପହଞ୍ଚି ଆନନ୍ଦପୁର ଉପଖଣ୍ଡରେ ଭର୍ତ୍ତି କରିଛନ୍ତି।

## ବ୍ଲକ ଓ ତହସିଲ ଅଫିସ ସମ୍ମୁଖରେ ଏସ୍‌ୟୁସିଆଇର ଗଣବିକ୍ଷୋଭ




ଉଦଳା/କପ୍ତିପଦା, ୨୯।୨(ସମିସ): ଏସୟୁସିଆଇ (କମ୍ୟୁନିଷ୍ଟ) କପ୍ତିପଦା ଆଞ୍ଚଳିକ କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ବିଡ଼ିଓ ଓ ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ଗାନ୍ଧୀ ଛକରେ ସମସ୍ତେ ଏକାଠି ହୋଇ ବିଭିନ୍ନ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। କମ୍ରେଡ଼ ଶ୍ୟାମ ବାନରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମ୍ରେଡ଼ ବାଜୁରାମ ସିଦ୍ଧ, କମ୍ରେଡ଼ ପୀତାମ୍ବର ନାଏକ, ଅନ୍ୟତମ କମ୍ରେଡ଼ ସାଦ ଚରଣ ବଦ୍ରା, ଜିଲ୍ଲା କମିଟି ସମ୍ପାଦକ ତଥା ରାଜ୍ୟ କମିଟି ସଦସ୍ୟ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ବିଭିନ୍ନ ସମସ୍ୟାର ସମାଧାନ ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭରେ ସମା ସୁମୁରାଇ, ଉଦୟ ସାମାଡ଼, ଶାନ୍ତି ଚାକିଏ, ସୁବୁଦିଆ ହାଇବୁରୁ, ଯୁବରାଜ ସାମାଡ଼ ପ୍ରମୁଖ ଯୋଗଦେଇଥିଲେ।

### ଡିଜେ ଶବ୍ଦରେ ସହରବାସୀ ଅତିଷ୍ଠ

# ପ୍ରଶାସନର ଅଙ୍କୁଶ ନାହିଁ; ବିକଟାଳ ଶବ୍ଦରେ ଥରୁଛି ସହର

ଉଦଳା, ୨୯।୨(ସମିସ)

ଶବ୍ଦ ପ୍ରଦୂଷଣ ନେଇ ଉଚ୍ଚତମ ନ୍ୟାୟଳୟଙ୍କ କଡାକଡି ନିର୍ଦ୍ଦେଶନାମା ରହିଥିବା ବେଳେ ଉଦଳା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶବ୍ଦ ପ୍ରଦୂଷଣରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏଥିପ୍ରତି ପ୍ରଶାସନ କି ପୁଲିସର କୌଣସି ଲଗାମ ନଥିବା ପରି ଜଣାପଡୁଛି। ବିଶେଷ କରି ବାହାଘରରେ ବରଯାତ୍ରୀ ଶୋଭାଯାତ୍ରାରେ ବ୍ୟବହାର କରୁଥିବା ଡିଜେ ଏବେ ସବୁ ସୀମାକୁ ଅତିକ୍ରମ କରିଯାଇଛି। ଡିଜେ ଶବ୍ଦରେ ଥରି ଉଠୁଛି ସହର। ଏହାକୁ ରୋକ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି। ସହରର ମୁଖ୍ୟ ବଜାର ମଧ୍ୟ ଦେଇ ଅନାୟାସରେ ବିକଟାଳ ଶବ୍ଦ କରି ଚାଲୁଥିବା ଡିଜେ ଯେମିତି ଶବ୍ଦର ଆତଙ୍କ ଖେଳାଇ ଚାଲିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା ଗତ ବୁଧୁବାର ସନ୍ଧ୍ୟାରେ। ସହରର ମୁଖ୍ୟ ବଜାରରେ ଏକ ବିଭାଘର ଶୋଭାଯାତ୍ରାରେ ଡଜେର ଶବ୍ଦରେ ରାସ୍ତାକଡ ଦୋକାନ ମଧ୍ୟ ଥରି ଉଠିଥିଲା। ଏପରିକି କୃତ୍ରିମ ଭୂକମ୍ପର ଅନୁଭବ ସୃଷ୍ଟି ହୋଇଥିଲା। ବଜାର ଅସିଥିବା ବହୁ ଗ୍ରାହକ ଓ ଜନସାଧାରଣ ବିବ୍ରତ ହୋଇ ଥାନାକୁ ଫୋ କରିଥିଲେ। ମାତ୍ର ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ଥିବାରୁ ସବୁ ଅଧିକାରୀ ମୁତୟନ ଥିଲେ। ତେଣୁ ଏହାର ସୁଯୋଗ ନେଇ ଏଭଳି ବିକଟାଳ ଶବ୍ଦ ହୋଇଥିଲା। ଅପରପକ୍ଷରେ ଶବ୍ଦ ଅନୁମତି ଏବେ ୬୫ ଡେସିବେଲରୁ ଅଧିକ ପ୍ରଶାସନ ଦେବାର କ୍ଷମତା ନ ଥିବାବେଳେ କିଭଳି ଅନାୟାସରେ ୪୦୦ରୁ ଅଧିକ ଡେସିବେଲ ଶବ୍ଦ ବଜାଇ ମୁଖ୍ୟ ରାସ୍ତାରେ ବାଜୁଛି ତାହା ହିଁ ବଡ ପ୍ରଶ୍ନ ସୃଷ୍ଟି କରିଛି। ପ୍ରଶାସନ ପକ୍ଷରୁ ନୋ ଡିଜେର ଷ୍ଟାମ୍ପ ସହ ଅନୁମତିପତ୍ର ଥିବା ବେଳେ କେମିତି ଡିଜେ ବାଜୁଛି ବୋଲି ପ୍ରଶ୍ନ କରିଛନ୍ତି ସଚେତନ ନାଗରିକ। ବିଶେଷକରି ଏବେ ସବୁ ପରୀକ୍ଷା ଚାଲିଥିବା ବେଳେ




ଏଭଳି ଡିଜେ ବଜାଇବାକୁ କିଏ ଅନୁମତି ଦେଇଛନ୍ତି ବୋଲି ଶିକ୍ଷାବିତ ଓ ସାମାଜିକ କର୍ମୀ ପ୍ରଶ୍ନ କରିଛନ୍ତି। ଗତ ବୁଧବାର ସନ୍ଧ୍ୟାରେ ଉଦଳା ହାଇସ୍କୁଲ ପରିସରରେ ଥିବା ୩୦୦ ଶଯ୍ୟା ବିଶିଷ୍ଟ ଆବାସିକ ସମ୍ମୁଖରେ ଦୀର୍ଘ ସମୟ ଧରି ଡିଜେ ବାଜିବା ନେଇ କିଛି ଅଭିଭାବକ ପ୍ରତିବାଦ କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଶିମିଳିପାଳର ବାହ୍ୟ ପରିଧି ମଧ୍ୟରେ ରହିଛି ଉଦଳା ସହର। ପରିବେଶ ଆଇନ ମୁତାବକ ଏହି ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ଅଦୌ କରାଯାଇପାରିବ ନାହିଁ। ଅପରପକ୍ଷରେ ଗତ କିଛି ଦିନ ତଳେ ସରସ୍ୱତୀ ମୂର୍ତ୍ତି ଭସାଣରେ ଡିଜେ ଶବ୍ଦକୁ ନେଇ କୁଆଁରପାଳ ଗ୍ରାମର ଜଣେ ଅଧିକାରୀ ପୁଅର ମାଟ୍ରିକ ପରିକ୍ଷା ପାଇଁ ନ ବଜାଇବାକୁ କହିବାରୁ ଘରେ ପଶି ନିସ୍ତୁକ ମାଡ ମାରିଥିଲେ। ତେଣୁ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ବେଆଇନଭାବେ ବଜାଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସହରବାସୀ।

## ଉଦଳା ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଆଲୋଚନାଚକ୍ର




ଉଦଳା, ୨୯।୨ (ସମିସ): ଉଦଳା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ବିଭାଗର ତୃତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଯତୀନ କୁମାର ମହାକୁ କାର୍ଯ୍ୟକ୍ରମରେ ଯୋଗଦେଇ ଶୁଭାରମ୍ଭ କରିବା ସହିତ ଆଲୋଚନାଚକ୍ରର ବିଷୟ ବସ୍ତୁ ଉପରେ ସମ୍ୟକ ଭାଷଣ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁଧା ସାବିତ୍ରୀ ପଣ୍ଡା ସ୍ୱାଗତ ଭାଷଣ ଦେବା ସହିତ 'ଏନଜାଇନ୍ସ : ଦି ଏଜେଣ୍ଟସ ଅଫ ଲାଇଫ' ଉପରେ ବକ୍ତବ୍ୟ ରଖିଥିଲେ। ଏଥି ସହିତ ଜୀବର ଶରୀରରେ ଏହା କିପରି ମେଟାବଲିଜମରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି ଓ ସନ୍ତୁଳିତ ପରିବେଷ ଗଠନରେ ଏହା କିପରି ପ୍ରଭାବ ରହୁଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜୀବ ବିଜ୍ଞାନ ବିଭାଗର ଅଧ୍ୟାପକ ମଧୁସୂଦନ ମୁର୍ମୁ ଏନଜାଇମର ଉଦ୍‌ଭାବନ ଓ ତାର ବ୍ୟବହାର ଉପରେ ମତ ରଖିଥିଲେ। ଇଣ୍ଡଷ୍ଟ୍ରିରେ ଡିଟରଜେଣ୍ଟ, ଖାଦ୍ୟ, ଔଷଧ, ଭିଟାମିନ, ତିଆରିର ଓ ରୋଗ ନିରୂପଣରେ ଏନଜାଇମ ଭୂମିକ ଉପରେ ଆଲୋକପାତ କରିଥିଲେ। ଏନଜାଇମର ବହୁଳ ବ୍ୟବହାର ଉପରେ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ବିକ୍ରମ କେଶରୀ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟାପକ ଦିଲ୍ଲୀପ କୁମାର ହାଁସଦା, ଛାତ୍ରୀ ଯତିଶ୍ରୀ ସିଂ, ଭୂମିକା ସାହୁ ତଥା ଅନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।







# ଦେଶୀମଦ ଜବତ: ୨ ଗିରଫ



ଉଦଳା, ୨୯।୨(ସମିସ): ମୁଣ୍ଡ ଉପରେ ସାଧାରଣ ନିର୍ବାଚନ। ତେଣୁ ଗ୍ରାମାଞ୍ଚଳରେ ମତଦାତାଙ୍କୁ ପ୍ରଭାବିତ କରିବା ପାଇଁ ଏବେଠୁ ପ୍ରସ୍ତୁତ ହେଲେଣି ମଦ ମାଫିଆ। ଗାଁ ଗାଁରେ ପ୍ରସ୍ତୁତ ହେଲାଣି ଦେଶୀ ମଦ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉଦଳା ଉପଖଣ୍ଡରେ। ଉଦଳା ଓ କପ୍ତିପଦା ଅଞ୍ଚଳର ଉପାନ୍ତ ଗାଁର ନଦୀ ପଠାରେ ଆରମ୍ଭ ହେଲାଣି ଦେଶୀ ମଦ ପ୍ରସ୍ତୁତି ପର୍ବ। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲ୍ଲା ଅବକାରୀ ବିଭାଗ ଉଦଳା, ଖୁଣ୍ଟା ଓ ବେତନଟୀରେ ଚଢଉ କରି ୪ଟି ସ୍ଥାନରୁ ୩୨୫ ଲିଟର ଦେଶୀ ମଦ ଜବତ କରିବା ସହିତ ୧୦ ହାଜର ୫୫୦ କେଜି ପୋଚ୍ ନଷ୍ଟ କରିବା ସହିତ ପୂଜା ହାଁସଦା ଓ କମଳାକାନ୍ତ ସିଂଙ୍କୁ ଗିରଫ କରାଯାଇଛି। ଏହି ଚଢଉରେ ଅବକାରୀ ନୀରିକ୍ଷକ ଶ୍ରୀଧର ମହାନ୍ତି ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦଳାର ଉପନିରୀକ୍ଷକ ଅବଦୁଲ ଅନଓାର, ଖୁଣ୍ଟା ଉପନିରୀକ୍ଷକ ମମତା ମୁମାରୀ ଦାସ ଓ ବେତନଟୀ ନିରୀକ୍ଷକ ପ୍ରକାଶ ସାହୁ ସମେତ ୩ଟି ଟିମ ସାମିଲ ହୋଇଥିଲେ।

## ଜାଲ୍ ବିଇଡି ସାର୍ଟିଫିକେଟରେ ଚାକିରି ମାମଲା

# ବହିଷ୍କୃତ ଶିକ୍ଷକଙ୍କୁ ୬ ବର୍ଷ ସଶ୍ରମ କାରାଦଣ୍ଡ

ବେତନଟୀ, ୨୯।୨(ସମିସ)

ବଡ଼ସାହି ବ୍ଲକରେ ଜଣେ ଶିକ୍ଷକ ଜାଲ ବିଇଡି ପ୍ରମାଣପତ୍ର ଦେଇ ଚାକିରି କରିବା ମାମଲାର ବିଚାର କରିବା ସହିତ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ବେତନଟୀ ଜେଏମଏଫସି କୋର୍ଟରେ ବିଚାରପତି ଏ. ଅବିନାଶ ନାଇଡୁ ଗୁରୁବାର ରାୟ ପ୍ରକାଶ କରିବା ସହିତ ଅଭିଯୁକ୍ତ ବହିଷ୍କୃତ ଶିକ୍ଷକକୁ ୬ ବର୍ଷ ସଶ୍ରମ

## ୧୦ ହଜାର ଟଙ୍କା ଜରିମାନା

କାରାଦଣ୍ଡାଦେଶ ଏବଂ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଶିକ୍ଷକ ଜଣକ ହେଉଛନ୍ତି ବଡ଼ସାହି ଥାନା ଛେଳିଆ-ବି ଗ୍ରାମର କମଳାକାନ୍ତ ମହାନ୍ତଙ୍କ ପୁଅ ଦେବାନନ୍ଦ। ସୂଚନା ମୁତାବକ, ୨୦୧୭ ରେ ଶିକ୍ଷାବିଭାଗ ପକ୍ଷରୁ ବଡ଼ସାହି ବ୍ଲକ ପକ୍ଷରୁ ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ଦେବାନନ୍ଦ ଜାଲ ବିଇଡି ସାର୍ଟିଫିକେଟ ଦେଇ ଜଗଦ୍ଧାତ୍ରୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକଭାବେ ଚାକିରି କରିଥିବା ଧରାପଡ଼ିଥିଲେ। ତାଙ୍କୁ ତୁରନ୍ତ ନିଲମ୍ବନ କରିବା ସହିତ ଫୌଜଦାରୀ ମାମଲା ରୁଜୁ କରିବାକୁ ତତ୍କାଳୀନ ଜିଲ୍ଲାପାଳ ବ୍ଲକ ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ବିଇଓ ବଦ୍ରିନାରାୟଣ ଦଉଙ୍କ ଏତଲା ମୂଳେ ପୁଲିସ ୨୦୧୮ ଜାନୁଆରୀ



୫ରେ ମାମଲା ରୁଜୁ କରିଥିଲା। ଅଦାଲତରେ ଏହା ବିଚାରାଧୀନ ରହିଥିଲା। ଇତିମଧ୍ୟରେ ସମ୍ପୃକ୍ତ ଶିକ୍ଷକଙ୍କୁ ବହିଷ୍କୃତ କରାଯାଇଥିବା ବେଳେ ତଦନ୍ତ ଜାରି ରହିଥିଲା। ତେବେ ଦେବାନନ୍ଦ ଯେଉଁ ବି. ଇଡି ସାର୍ଟିଫିକେଟ ଦେଇ ଚାକିରି କରିଥିଲେ ତାହା ଜାଲ ସାର୍ଟିଫିକେଟ ବୋଲି ବାଣୀବିହାରସ୍ଥିତ ଉତ୍କଳ ୟୁନିଭରସିଟି ପକ୍ଷରୁ ଯାଞ୍ଚ ପୂର୍ବକ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ଏହି ଘଟଣାରେ ଜଡିତ ଦୁଇଜଣ ବିଇଓ, ଏବିଇଓ, ପ୍ରଧାନ ଶିକ୍ଷକ ସମେତ ୮ଜଣଙ୍କ ସାକ୍ଷୀଙ୍କ ବୟାନ, ସର୍ଭିସବୁକ, ଦରମା ସ୍ଲିପ, ଜଏନିଂ ଲେଟରେ ଏବଂ ଅନ୍ୟାନ୍ୟ ସାକ୍ଷ୍ୟ ପ୍ରମାଣକୁ ଆଧାରକରି ଜେଏମଏଫସି ବିଚାରପତି ଏ. ଅବିନାଶ ନାଇଡୁ ଗୁରୁବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତକୁ ୩ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ ହଜାର ଜରିମାନା। ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ, ଦଫା ୪୬୮ରେ ୨ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୫ହଜାର ଟଙ୍କା ଓ ଜରିମାନା ଅନାଦେୟ ୬ମାସ କାରାଦଣ୍ଡ ସମେତ ଦଫା ୪୭୧ରେ ଏକବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ଦେବାନନ୍ଦ ୨୦୦୪ରେ ଚୁକ୍ତିଭିତ୍ତିକ ଶିକ୍ଷକ ଭାବରେ ଚାକିରି ଆରମ୍ଭ କରିଥିଲେ। ପରେ ୨୦୧୩ରେ ନିୟମିତ ହୋଇଥିଲେ। ଏହାପରେ ୨୦୧୭ ମସିହାର ଶେଷ ଭାଗରେ ଧରାପଡ଼ି ନିଲମ୍ବନ ହେବା ସହିତ ବହିଷ୍କୃତ ହୋଇଥିଲେ।

# କୃଷି ବିଭାଗ ପାରା ସମ୍ପ୍ରସାରଣ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର

ବାରିପଦା, ୨୯ ।୨(ସମିସ): ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ପାରା ସମ୍ପ୍ରସାରଣ କର୍ମଚାରୀଙ୍କ ପ୍ରଶିକ୍ଷଣ ଶିବିର କୃଷି ଜିଲ୍ଲା ଅଧିକାରୀ ଲକ୍ଷ୍ମଣ ଚନ୍ଦ୍ର ମୁର୍ମୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ତରୁଣ ଛୋଟରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଉପଉଦ୍ୟାନ କୃଷି ନିର୍ଦ୍ଦେଶକ ଟଙ୍କଧର କାଲୋ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶିବଚରଣ ଜେଠୀ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ, ଅତିରିକ୍ତ ଜିଲ୍ଲା ପ୍ରାଣୀଚିକିତ୍ସା ଅଧିକାରୀ ଡା ଅର୍ବେନ୍ଦ୍ର ପାତ୍ର, କୃଷିବିଜ୍ଞାନ କେନ୍ଦ୍ର ଶାମାଖୁଣ୍ଟାର ବୈଜ୍ଞାନିକ ଡ. ଜଗନ୍ନାଥ ପାତ୍ର ଓ ସହକାରୀ କୃଷିଯନ୍ତ୍ରୀ ଜଗଦୀଶ ପଣ୍ଡା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଶାମାଖୁଣ୍ଟା ସହକାରୀ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡାଙ୍କ ପରିଚାଳନାରେ ବାରିପଦା ଗୋଷ୍ଠୀ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଧେକ ଓ ଶୁଳିଆପଦା ଗୋଷ୍ଠୀ କୃଷି ଅଧିକାରୀ ଯୁନମୟୀ ମହାନ୍ତି ସହଯୋଗ କରିଥିଲେ।

# ଦୁଇଦିନିଆ ମୟୂରଭଞ୍ଜ ଗସ୍ତସାରି ଫେରିଲେ ରାଷ୍ଟ୍ରପତି

ବାରିପଦା/ରାଇରଙ୍ଗପୁର, ୨୯ ।୨(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ କରି ଗୁରୁବାର କେନ୍ଦୁଝର ଜିଲ୍ଲା ଗସ୍ତ କରିଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ୪ଦିନିଆ ଓଡ଼ିଶା ଗସ୍ତ ଅବସରରେ ବୁଧବାର ମୟୂରଭଞ୍ଜ ଜିଲ୍ଲାରେ ପହଞ୍ଚି ଖିଚିଂର ମା' କୀଚକେଶ୍ୱରୀଙ୍କ ଦର୍ଶନ ସହିତ ରାଇରଙ୍ଗପୁରରେ ସରକାରୀ କାର୍ଯ୍ୟକ୍ରମର ସଭାରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ ସାରି ରାତିରେ ରାଇରଙ୍ଗପୁରର ମହୁଲଡିହା ସ୍ଥିତ ନିଜ ବାସଭବନରେ ରାତ୍ରିଯାପନ କରିଥିଲେ। ଗୁରୁବାର ସକାଳୁ ରାଇରଙ୍ଗପୁର ସ୍ଥିତ ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ଓ କିଛି ସମ୍ପର୍କୀୟଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭେଟିଥିଲେ। ଏହାପରେ ନିଜ ବାସଭବନରେ ଜଳଖିଆ କରିଥିଲେ। ମହାମହିମଙ୍କ ନିମନ୍ତେ ନିଜେ ପ୍ରସ୍ତୁତ କରି ସୁସ୍ୱାଦୁ ଖାଦ୍ୟ ପ୍ରଜାପିତା ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀମାନେ ଆଣିଥିଲେ। ବାସଭବନ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ଗୁରୁବାର ସକାଳୁ ରାଷ୍ଟ୍ରପତିଙ୍କ କାରକେଡକୁ ତନ୍ନତନ୍ନ କରି ସନ୍ଧାନୀ କୁକୁର ଓ ମେଟାଲ ଡିଟେକ୍ଟର ସାହାଯ୍ୟରେ ଯାଞ୍ଚ କରାଯାଇଥିଲା।



ଗୁରୁବାର ସକାଳେ ସମୟରେ ଖୋର୍ଦ୍ଧା ଜିଲ୍ଲାରୁ ପ୍ରଭାତି ବୈରିଗଞ୍ଜନ ନାମକ ଜଣେ ଅସହାୟ ମହିଳା ଆସି ରାଷ୍ଟ୍ରପତିଙ୍କୁ ଭେଟିବାକୁ ଅପେକ୍ଷା କରିଥିଲେ। ତାଙ୍କ ପୁଅର ହାତ ନ ଥିବାରୁ ଚାକିରି ନିମନ୍ତେ ରାଷ୍ଟ୍ରପତିଙ୍କ ନିକଟରେ ସୁରକ୍ଷା କର୍ମୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହିତ ଗୁରୁବାର ସକାଳେ ନିଜ ବାସଭବନରେ କିଛି ଲୋକଙ୍କୁ ସାକ୍ଷାତ ମଧ୍ୟ କରିଥିଲେ। ଘରେ ରାଷ୍ଟ୍ରପତିଙ୍କ ଝିଅ ଇତିଶ୍ରୀ, ଭାଇ ତରଣୀସେନ, ଭାଉଜ ସାକ୍ରୋମଣିଙ୍କ ସମେତ ଅନ୍ୟ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ପରେ ବାସଭବନରୁ ଭାବବିହ୍ୱଳ ଅବସ୍ଥାରେ ଆତ୍ମୀୟସ୍ୱଜନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଦାୟ ଦେଇଥିଲେ। ରାଷ୍ଟ୍ରପତି ପଦ ଅଳଙ୍କୃତ କରିବା ପରେ ଏହା ମହାମହିମଙ୍କ ମୟୂରଭଞ୍ଜ ଜିଲ୍ଲାକୁ ତୃତୀୟ ଗସ୍ତ ଥିଲା। ଏହା ପରେ ରାଇରଙ୍ଗପୁର ସ୍ଥିତ ଦାଣ୍ଡବୋଷ ହେଲିପ୍ୟାଡରୁ ସ୍ୱତନ୍ତ୍ର ବାୟୁସେନାର ହେଲିକ୍ୟାପ୍ଟର ଯୋଗେ ସେ କେନ୍ଦୁଝର ଅଭିମୁଖେ ଗସ୍ତ କରିଥିଲେ। ସେଠାରେ ରାଜ୍ୟପାଳ ରଘୁବର ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ରାଷ୍ଟ୍ରପତି କେନ୍ଦୁଝର ଜିଲ୍ଲାର ଗୋନାସିକା ଗ୍ରାମର ଉତ୍ପାଦିକା ସଂଘ ସହିତ ଆଲୋଚନା କରିବା ପରେ ସର୍କିଟ ହାଉସରେ ମଧ୍ୟାହ୍ନ ଭୋଜନ ସାରି ଅପରାହ୍ନରେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ ଜନଜାତି ସଂସ୍କୃତି ଉପରେ ଆୟୋଜିତ ଜାତୀୟ ପାଠ୍ୟଚକ୍ରରେ ସାମିଲ ହୋଇଥିଲେ। ସେହିପରି ଭୁବନେଶ୍ୱର ଗସ୍ତ କରି ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଛନ୍ତି।

# ବରିଷ୍ଠ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିଶୋଇ, ୨୯ ।୨ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ବିଶୋଇ ସରକାରୀ ଏସ୍.ଏସ୍.ଡି ଉଚ୍ଚ ବିଦ୍ୟାଳୟର ଦୀର୍ଘ ୧୪ ବର୍ଷ ଧରି ସହକାରୀ ଇଂରାଜୀ ଶିକ୍ଷକ ଭାବରେ କାର୍ଯ୍ୟରତ ରମାକାନ୍ତ ପ୍ରଧାନ ଆଜି ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଶିକ୍ଷକ ଶ୍ରୀଯୁକ୍ତ ପ୍ରଧାନଙ୍କ ବିଦାୟ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କାନ୍ତିପ୍ରଭା ଷଡ଼ଙ୍ଗୀଙ୍କ ସଭାପତିତ୍ୱ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଇଓ ହରେକୃଷ୍ଣ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାଏକ, ବାଡୁଣିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶଙ୍କର ନାଏକ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ହରିହର ପଣ୍ଡା, ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼.ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବିଦାୟ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନାପତ୍ର ସହିତ ଉତ୍ତରୀୟ ଓ ଉପହାର ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ଶ୍ରୀ ପ୍ରଧାନ ଜଣେ ଛାତ୍ର ବତ୍ସଳ, ଶିକ୍ଷାର୍ଥୀଙ୍କ ପଥପ୍ରଦର୍ଶକ ଓ ଆଦର୍ଶ ଶିକ୍ଷକ ଭାବେ ଅଞ୍ଚଳରେ ବେଶ ଜଣାଶୁଣା।

# ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



ବାରିପଦା, ୨୯ ।୨(ସମିସ): ଜିଲ୍ଲା ବିଜେଡି ପକ୍ଷରୁ ବାରିପଦାଠାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ବାବଦରେ ତୃଣମୂଳସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ବାରିପଦା ପୌରପାଳିକାର ୱାର୍ଡ ନମ୍ବର ୫ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ବିପୁଳ ସଂଖ୍ୟାରେ ସାମିଲ ହେବା ସହ ଲୋକଙ୍କ କଲ୍ୟାଣ ଏବଂ ସଙ୍ଗଠନକୁ ଆହୁରି ମଜଭୁତ୍ କରିବା ନେଇ ସଂକଳ୍ପବଦ୍ଧ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଲୋକାଭିମୁଖି ଯୋଜନାର ଲାଭ ସବୁ ପରିବାରକୁ ମିଳୁଛି। ତେଣୁ ଘରେ ଘରେ ବିକାଶ ଦଳ ଭାବେ ପରିଚିତ। ଏହାକୁ ଦୃଷ୍ଟିରେ ରଖି ବିଜେଡି ତରଫରୁ ଅଧିକ ସଚେତନ କରିବାକୁ ପରିବାର ସମ୍ପର୍କ ଅଭିଯାନରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ହୋଇଛି। ୱାର୍ଡ ନମ୍ବର ୫ର ବିଭିନ୍ନ ସ୍ଥାନରେ ବିଜେଡିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ୱାର୍ଡ କାଉନସିଲର ପୂଜା ତରେଇ ଉପସ୍ଥିତ ଥିଲେ। ଏ ନେଇ ବିଜେଡି ମହିଳା ସଭାନେତ୍ରୀ ଦିପ୍ତୀଲତା ମିଶ୍ରଙ୍କ ନେତୃତ୍ୱରେ ମହିଳାମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ଯୋଜନା ବିଷୟରେ ପ୍ରତ୍ୟେକ ଘରେ କହିବା, ଉକ୍ତ ଘର ସଦସ୍ୟଙ୍କୁ ବିଜୁ ପରିବାର ସହ ଯୋଡ଼ିବା ସହ ଘରେ ଘରେ ଶଙ୍ଖ ଷ୍ଟିକର ଲଗାଯାଇଥିଲା।

# ଶ୍ରୀ ଶ୍ରୀ ମାନମନୋହର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା



ବାରିପଦା, ୨୯ ।୨(ସମିସ): ଶାମାଖୁଣ୍ଟା ବ୍ଲକ ଅଧୀନସ୍ଥ ଖାଣ୍ଡିଆ ପଞ୍ଚାୟତର ଖୁଣ୍ଟାପାଳ ଗ୍ରାମରେ ବହୁକାଳରୁ ଅବସ୍ଥିତ ଶ୍ରୀ ଶ୍ରୀ ମାନମନୋହର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ବୁଧବାର ରତ୍ନମୁଦ କର୍ମ, ଗୁରୁବାର ଅଧିବାସ ଓ ଅଙ୍କୁରାରୋପଣ, ଶୁକ୍ରବାର କଳସ ଶୋଭାଯାତ୍ରା, ଶନିବାର ମନ୍ଦିର ପ୍ରତିଷ୍ଠା କର୍ମ ଓ ରବିବାର ସର୍ବସାଧାରଣ ପୂଜା, ପୁଷ୍ପାଞ୍ଜଳି ଯଜ୍ଞ, ପୂର୍ଣ୍ଣାହୁତି ଓ ପ୍ରସାଦ ସେବନର ଆୟୋଜନ କରାଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସଫଳ କରିବା ପାଇଁ ଖୁଣ୍ଟାପାଳ ଗ୍ରାମବାସୀ ବୃନ୍ଦ ସହଯୋଗ କରିଛନ୍ତି।

## ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

# ଗବେଷଣାଭିତ୍ତିକ ପୋଷ୍ଟରର ସଂକଳନ ଉନ୍ମୋଚିତ

ବାରିପଦା ୨୯ ।୨(ସମିସ)



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର ତ୍ରିପାଠୀ ଏହି ବର୍ଷର ଜାତୀୟ ବିଜ୍ଞାନ ଦିବସର ବିଷୟ 'ବିକଶିତ ଭାରତ ପାଇଁ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା' ଉପରେ ଗୁରୁତ୍ୱାରୋପ କରି ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀଙ୍କୁ ଆନ୍ତଃବିଭାଗୀୟ ଗବେଷଣାରେ କାର୍ଯ୍ୟରତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ବରିଷ୍ଠ ବୈଜ୍ଞାନିକ ଡ. ସୁବ୍ରତ କୁମାର ଦାସ 'ବିଭିନ୍ନ ଜୈବପ୍ରଯୁକ୍ତି ଉଦ୍ଭାବନରେ ଓଡ଼ିଶାର ଜୈବଉତ୍ସ ବ୍ୟବହାର' ଶୀର୍ଷକ ଉପରେ ବକ୍ତବ୍ୟ ରଖିଥିଲେ। ଜାମ୍‌ସେଦପୁରସ୍ଥିତ ରାଷ୍ଟ୍ରୀୟ ଧାତୁକର୍ମ ପ୍ରଯୋଗଶାଳାର ମୁଖ୍ୟ ବୈଜ୍ଞାନିକ ଡ. ତ୍ରିଲୋଚନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ବିକଶିତ ଭାରତ ପାଇଁ ଅଭିନବ ଏବଂ ସ୍ୱଦେଶୀ ବୈଷୟିକଜ୍ଞାନ' ଶୀର୍ଷକ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ୯୩ ଜଣ ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ପ୍ରଦର୍ଶିତ ଗବେଷଣା ଭିତ୍ତିକ ପୋଷ୍ଟରର ଏକ ସଂକଳନ ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ବିଶ୍ୱବିଦ୍ୟାଳୟ ଗବେଷଣା ଓ ବିକାଶ ସେଲ୍‌ର ମୁଖ୍ୟ ପ୍ରଫେସର ପ୍ରମୋଦ କୁମାର ଶତପଥୀ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ତଥା ସହଯୋଗୀ ପ୍ରଫେସର ଡ. ଇନ୍ଦ୍ରଜିତ ନାଏକ ସ୍ୱାଗତ ଭାଷଣ ଓ ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରେ ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ପ୍ରଦର୍ଶିତ ଗବେଷଣା ଭିତ୍ତିକ ପୋଷ୍ଟର ପ୍ରଦର୍ଶନୀକୁ କୁଳପତି ପ୍ରଫେସର ତ୍ରିପାଠୀ ଉଦ୍‌ଘାଟନୀ କରିଥିଲେ। ଏହି ପ୍ରଦର୍ଶନୀରେ ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରଛାତ୍ରୀ ନିଜର ଗବେଷଣା ଭିତ୍ତିକ ପ୍ରକଳ୍ପର ପ୍ରଦର୍ଶନ କରିଥିଲେ। ଏହି ସମାବେଶରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପୋଷ୍ଟର ଉପସ୍ଥାପନା କରୁଥିବା ଅଧ୍ୟାପକ ଅଧ୍ୟାପିକା ଓ ଗବେଷଣାରତ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ।

# ସାଂସଦ ପ୍ରାର୍ଥୀ ହେବା ପ୍ରଶ୍ନର ପ୍ରତିକ୍ରିୟା ରଖିଲେ ରାଷ୍ଟ୍ରପତିଙ୍କ ଝିଅ ଇତିଶ୍ରୀ

ବାରିପଦା, ୨୯ ।୨(ସମିସ): ଆଗାମୀ ସାଧାରଣ ନିର୍ବାଚନକୁ ନେଇ ରାଜନୈତିକ ମଇଦାନ ସରଗରମ ହେଉଛି। ଇତିମଧ୍ୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଝିଅ ଇତିଶ୍ରୀ ମୁର୍ମୁ ବିଜେପିରୁ ମୟୂରଭଞ୍ଜର ସାଂସଦ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା



କରିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ଏ ବାବଦରେ ତାଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି। 'ଆପଣମାନଙ୍କ ମୁହଁରୁ ପ୍ରଥମଥର ଏହା ଶୁଣୁଛି' ବୋଲି କହିଥିଲେ। ଇତିଶ୍ରୀ ପାହାଡପୁର ସ୍ଥିତ ଏସଏଲଏସ ଟ୍ରଷ୍ଟ ବୋର୍ଡର ସଭାପତି ଥିବାରୁ ଗୁରୁବାର ଏସଏଲଏସ ସ୍ମାରକୀ ଆବାସିକ ବିଦ୍ୟାଳୟକୁ ଯାଇଛନ୍ତି। ସେଠାରେ ଟ୍ରଷ୍ଟ ବୋର୍ଡର ଅନ୍ୟ ସଦସ୍ୟ ଓ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସହ ଭେଟି ସ୍କୁଲ ସମ୍ବନ୍ଧୀୟ ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ଆସିଛନ୍ତି। ତେବେ କୌଣସି ଦଳରୁ ମୟୂରଭଞ୍ଜ ସାଂସଦ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବା ବାବଦରେ ସେ କିଛି ଜାଣିନାହାଁନ୍ତି ବୋଲି କହିଛନ୍ତି। ଇତିଶ୍ରୀ ନୂଆଦିଲ୍ଲୀରେ ୟୁକୋ ବ୍ୟାଙ୍କରେ ପରିଚାଳକ ଭାବେ କାର୍ଯ୍ୟ କରୁଛନ୍ତି।

# ପୁସ୍ତକ 'ଶୁଭିପ୍‌ସା' ଓ 'ଶୁଭିରାଗ' ଉନ୍ମୋଚିତ



ବାରିପଦା, ୨୯ ।୨(ସମିସ): ବରିଷ୍ଠ କବି ହର ନାରାୟଣ ମିଶ୍ରଙ୍କ ରଚିତ କବିତା ପୁସ୍ତକ 'ଶୁଭିପ୍‌ସା' ଓ 'ଶୁଭିରାଗ' ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଉସବରେ ମୁଖ୍ୟଅତିଥି ଭାବରେ ପ୍ରଫେସର ଡଃ ସରୋଜ ନାୟକ, ମୁଖ୍ୟବ୍ୟକ୍ତା ଭାବେ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମ୍ଭକାର ଯୋଗ ଦେଇଥିଲେ। କବି ଅମିତାଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ସମାରୋହରେ ହିମାଂଶୁ କୁମାର ବେହେରା ପୁସ୍ତକ ଦ୍ୱୟର ସମୀକ୍ଷା କରିଥିଲେ। ଅଦ୍ୟାବଧି କବି ହରନାରାୟଣ ମିଶ୍ରଙ୍କ ଲିଖିତ ୪୬ଟି ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ ପୁସ୍ତକଗୁଡିକ ପାଠକୀୟ ସ୍ୱୀକୃତି ଲାଭ କରିଛି। କିଶୋର ସାହିତ୍ୟ ଭିକ କବି ମିଶ୍ରଙ୍କର ପୁସ୍ତକ ଗୁଡିକ ଛାତ୍ର ଛାତ୍ରୀ ମହଲରେ ବେଶ ଆଦୃତ। ପରିଣତ ବୟସରେ କବିଙ୍କର ଲେଖନୀ। ଏବେ ମଧ୍ୟ ଚଳଚଳ ଓ ତାଙ୍କ ଲିଖିତ ବହୁପୁସ୍ତକ ପ୍ରକାଶନ ଅପେକ୍ଷାରେ।

# ପୂର୍ବତନ ବିଧାୟକଙ୍କ ଡିଆରଏମ୍‌ଙ୍କୁ ଦାବିପତ୍ର




**ରାଇରଙ୍ଗପୁର, ୨୯ ।୨(ସମିସ):** ଦକ୍ଷିଣ ପୂର୍ବତନ ରେଳ ଡିବିଜନ ଚକ୍ରଧରପୁର ଅନ୍ତର୍ଗତ ରାଇରଙ୍ଗପୁର ରେଳ ଷ୍ଟେସନ ମ୍ୟାନେଜରଙ୍କ ଜରିଆରେ ରାଇରଙ୍ଗପୁର ଓ ବାଦାମପହାଡ଼ ରେଳବାଇ ଷ୍ଟେସନର ଶୌଚାଳୟ ସମସ୍ୟାର ସମାଧାନ ଏବଂ ସଫାସୁତରା ରଖିବା ପାଇଁ ପ୍ରତ୍ୟେକ ଷ୍ଟେସନରେ ସ୍ଥାୟୀ ସଫେଇ କର୍ମଚାରୀ ନିଯୁକ୍ତି ଏବଂ ରାଇରଙ୍ଗପୁର ଓ ବାଦାମପାହାଡ଼ ରେଳ ଷ୍ଟେସନରେ ମହିଳା ରେଳ ଯାତ୍ରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥି ସହିତ ଚକ୍ରଧରପୁର ରେଳ ମଣ୍ଡଳକୁ ଅବିଳମ୍ବେ ସ୍ଥାୟୀ ସଫେଇ କର୍ମଚାରୀ ନିଯୁକ୍ତ କରିବାକୁ ଦାବି କରିଛନ୍ତି । ଷ୍ଟେସନ ମ୍ୟୋନେଜର ସଚ୍ଚିଦାନନ୍ଦ ପ୍ରସାଦ, ଷ୍ଟେସନ ମ୍ୟାନେଜର ବଙ୍ଗାଳୀ ଟୁଡୁ, ପ୍ରହ୍ଲାଦ ପୂର୍ତ୍ତି, ପାର୍ବତୀ ପୂର୍ତ୍ତି, ଅଶୋକ ମହାକୁଡ଼ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ବ୍ଲକ ପରିସରରେ ମିଶନ ଶକ୍ତି କାର୍ଯ୍ୟକ୍ରମ

# ମା'ମାନେ ଫେରିପାଇଲେ ୧୪୫ କୋଟି ସୁଧ ଟଙ୍କା

ରାଇରଙ୍ଗପୁର, ୨୯ ।୨(ସମିସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମିଶନ ଶକ୍ତିଙ୍କୁ ଆହୁରି ଶସକ୍ତ କରିବା ନିମନ୍ତେ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ, ୭୩୦ କୋଟି ଟଙ୍କାର ୟୁନିଫର୍ମ ଓ ବ୍ଲେଜର ସହାୟତା ଓ ମିଶନ ଶକ୍ତି ବଜାରର ଶୁଭାରମ୍ଭ କରିଥିଲେ ।

ଏହି ଅବସରରେ ରାଇରଙ୍ଗପୁର ବ୍ଲକ ପରିସରରେ ଏକ କାର୍ଯ୍ୟକ୍ରମ ବିଡିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭାପତି ରୂପେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ୪୫ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସଚ୍ଚିଦାନନ୍ଦ ମହାନ୍ତ, ୪୬ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଲିପିକା ମଣ୍ଡଳ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ବ୍ଲକସ୍ତରୀୟ ମହାସଂଘ ଶାନ୍ତିଲତା ପାତ୍ର, ସିଡିପିଓ କୁଲିମଣି ଟୁଡୁ, ରାଇରଙ୍ଗପୁର ବ୍ରାଞ୍ଚ ଓ ଇଟିଣ୍ଡା ବ୍ରାଞ୍ଚ ବ୍ୟାଙ୍କ ଅଫ୍ ଇଣ୍ଡିଆ ମ୍ୟାନେଜର, ରାଇରଙ୍ଗପୁର ବ୍ରାଞ୍ଚ ଏସବିଆଇ ମ୍ୟାନେଜର, ବିପିଏମ ଶାନ୍ତନୁ କୁମାର ସାହୁ ଓ ବିପିଏ ରେବତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସଭାପ୍ରାରମ୍ଭରେ ଅତିଥିଗଣ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହା ପରେ ସଭାପତି ସଶକ୍ତ ମହିଳା, ସଶକ୍ତ ଓଡ଼ିଶା ଉପରେ ବିଭିନ୍ନ ଯୋଜନାର ଆଲୋଚନା ରଖିଥିଲେ । ୪୫ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ସଚ୍ଚିଦାନନ୍ଦ ମହାନ୍ତ, ୪୬ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ଲିପିକା ମଣ୍ଡଳ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ସିଡିପିଓ କୁଲିମଣି ଟୁଡୁ ମିଶନ ଶକ୍ତି ଉପରେ ସୁଚିନ୍ତିତ ବକ୍ତବ୍ୟ ଦେଇଥିଲେ । ପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ଏସବିଆଇ ମ୍ୟାନେଜର ମିଶନ ଶକ୍ତି ମା'ମାନଙ୍କୁ ଋଣ ଦେଣନେଣ ସମ୍ପର୍କରେ ବୁଝାଇଥିଲେ । ଏହାପରେ ୫୨୯ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଧ ଫେରସ୍ତ କରାଗଲା । ବିପିଏମ ଶାନ୍ତନୁ ସାହୁ ଓ ବିପିସି ସ୍ୱର୍ଣ୍ଣପ୍ରିୟା ସାହୁ ସଭା ପରିଚାଳନା କରିଥିଲାବେଳେ ବିପିଏମ ଶାନ୍ତନୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ରାଇରଙ୍ଗପୁର ବ୍ଲକର ୯ଟି ପଞ୍ଚାୟତରୁ ଜିପିଏଲଏଫ୍ କର୍ମକର୍ତ୍ତା, ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର ତଥା ରାଇରଙ୍ଗପୁର ପୌର ପରିଷଦର ସମସ୍ତ ଏଏଲଏଫ୍ ସଭାପତି ଓ ସମ୍ପାଦକ ସହିତ ସୁଧ ଫେରସ୍ତ ପାଇବାକୁ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।



# 'ଓଏସ୍-ସିଆଇଟି' ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ




**ବିଶୋଇ, ୨୯ ।୨ (ସମିସ):** ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଅନ୍ତର୍ଜାତୀୟ ମାନର କଂପ୍ୟୁଟର ପାଠ୍ୟକ୍ରମ ସହିତ ମାଗଣା ସ୍ପୋକେନ ଇଂଲିସ ଶିକ୍ଷା ଦେଇ ସରକାରୀ, ବେସରକାରୀ ତଥା ଏନଜିଓ ସ୍ତରରେ ନିଯୁକ୍ତି ପ୍ରଦାନ ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧିନ ଓଡ଼ିଶା ଜ୍ଞାନ ନିଗମ ପକ୍ଷରୁ ପ୍ରତ୍ୟେକ ବ୍ଲକରେ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଖୋଲାଯାଇଛି । ଏହି ପରିପ୍ରେକ୍ଷୀରେ ବିଶୋଇ ବଜାରରେ ଥିବା ଟୁଡୁ କମ୍ପ୍ୟୁଟର ସେଣ୍ଟରରେ ଏହି କେନ୍ଦ୍ର ଉଦଘାଟିତ ହୋଇଯାଇଛି । ବରିଷ୍ଠ ସମ୍ବାଦିକ ତଥା ବିଶୋଇ ପ୍ରେସ କ୍ଲବ ସମ୍ପାଦକ ଧୀରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବରେ ଯୋଗଦେଇ ସେଣ୍ଟର ଉଦଘାଟନ କରିବା ସହିତ ସବୁଜ ପତାକା ଦେଖାଇ ଏକ ରଥର ଶୁଭାରମ୍ଭ କରିଥିଲେ । ଏହି କେନ୍ଦ୍ରରେ ୩ ମାସ ଅବଧିର ମୌଳିକ କମ୍ପ୍ୟୁଟର ପାଠ୍ୟକ୍ରମ ଶିକ୍ଷା ସହିତ ୬ ମାସ ଅବଧିର ଓଏସ୍- ସିଆଟି(ଏ) ଏବଂ ୧୨ ମାସ ଅବଧିର ଓଏସ୍ - ସି.ଆଇ.ଟି (ଏ+) ପାଠ୍ୟକ୍ରମ ପ୍ରଦାନ କରାଯିବ । ଏହି ଶିକ୍ଷା ଦ୍ୱାରା କମ୍ପ୍ୟୁଟର ଓ ସ୍ମାର୍ଟ ଫୋନ, ସ୍ମାର୍ଟ ଟାଇପିଂ, ଡିଜିଟାଲ ଇଣ୍ଡିଆ, କୋଡ଼ିଂ, ସୋସିଆଲ ମିଡିଆ, ସାଇବର ସିକ୍ୟୁରିଟି, ଗୋ-ଗ୍ରୀନ ଦକ୍ଷତା ଉପରେ ଛାତ୍ରଛାତ୍ରୀ ପାରଦର୍ଶିତା ଲାଭ କରିପାରିବେ । ଛାତ୍ରଛାତ୍ରୀଙ୍କୁ ମାଗଣା ସ୍ପୋକେନ ଇଂରାଜୀ ଶିକ୍ଷା ମଧ୍ୟ ପ୍ରଦାନ କରାଯିବା ନେଇ କେନ୍ଦ୍ରର ମୁଖ୍ୟ ପରିଚାଳକ ଶମ୍ଭୁନାଥ ଟୁଡୁ କହିଛନ୍ତି । ଏହି ଅବରସରେ କେନ୍ଦ୍ରର ଶିକ୍ଷକ ସୁମନ୍ତ ମହାକୁଡ଼ ଓ ଶୁଭ୍ରଜିତ ମହାପାତ୍ର, ଦାନ ମାର୍ଣ୍ଡି, ଇତିଶ୍ରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଧଳପୁରରେ ଫୁଟ୍‌ବଲ ଓ ଭଲିବଲ ପ୍ରତିଯୋଗିତା




**ରାଇରଙ୍ଗପୁର, ୨୯ ।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ହେଁସଡ଼ା ପଞ୍ଚାୟତ ଧଳପୁର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଏକ ଦିବସୀୟ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଜାତୀୟ ଯୁବ ସ୍ୱେଚ୍ଛାସେବୀ (ଏନ୍‌ୱାଇଭି) ଜାମଦା ବ୍ଲକର କର୍ଜନ ବାଙ୍କିରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪ଟି ଗାଁର କ୍ରୀଡ଼ାବିତ୍ ଉପସ୍ଥିତ ରହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଫୁଟବଲ ପ୍ରତିଯୋଗିତାରେ ବସନ୍ତପୁର ଏ- ଟିମ୍ ଓ ଭଲିବଲ ପ୍ରତିଯୋଗିତାରେ ଧଳପୁର ବି ଚାମ୍ପିଅନ ହୋଇଛି । ରେଫରୀ ଧନଞ୍ଜୟ ପୂର୍ତ୍ତି ଏବଂ ହରିହର ପାତ୍ର ଖେଳ ପରିଚାଳନା କରିଥିଲେ । ଆୟୋଜକ ଜାତୀୟ ଯୁବ ସ୍ୱେଚ୍ଛାସେବୀ (ଏନ୍‌ୱାଇଭି) ଜାମଦା ବ୍ଲକ ର କର୍ଜନ ବାଙ୍କିରା ଉପସ୍ଥିତ କ୍ରୀଡ଼ାବିତ୍‌ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁନି ଝିଅ ଶ୍ରେୟାଂଶୀଙ୍କୁ ମିଳିଲା ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡ ଆୱାର୍ଡ

**ବିଶୋଇ, ୨୯ ।୨ (ସମିସ) :** ମାତ୍ର ୨ ବର୍ଷ ୭ ମାସ ବୟସରେ ପ୍ରଥମେ ଇଣ୍ଡିଆ ବୁକ ଅଫ ରେକର୍ଡସ୍ ଓ ୩ ବର୍ଷ ବୟସରେ ୟୁନିଭର୍ସାଲ ବୁକ ଅଫ ରେକର୍ଡରେ ସ୍ଥାନ ପାଇବା ପରେ ମୟୂରଭଞ୍ଜ ଜିଲ୍ଲାର କୁନି ଝିଅ ଶ୍ରେୟାଂଶୀ ମହାନ୍ତ ପୁଣି ଥରେ ଚମକିଛନ୍ତି । ପୁଣି ସେ ଇଣ୍ଟରନ୍ୟାସନାଲ ବୁକ ଅଫ ରେକର୍ଡ-୨୦୨୩ରେ ସ୍ଥାନ ପାଇଛନ୍ତି । ରରୁଆଁ ବ୍ଲକ ଘାଗରବେଡା ପଞ୍ଚାୟତ ବାଟିସାହି ଗ୍ରାମର ସୁବ୍ରତ ମହାନ୍ତ ଓ ତୃପ୍ତିଲତା ମହାନ୍ତଙ୍କ ଏକମାତ୍ର ଝିଅ; ମାତ୍ର ଅଢେଇ ବର୍ଷ ବୟସରେ ଜାତୀୟ ଓ ପାରମ୍ପରିକ ପ୍ରତୀକ, ଆକୃତି, ମାନବର ବିଭିନ୍ନ ଅଙ୍ଗ, ବନ୍ୟଜନ୍ତୁ, ବିଭିନ୍ନ ପ୍ରକାର ପକ୍ଷୀ, ବିଭିନ୍ନ ଦେଶର ଜାତୀୟ ପତାକା, ଗାଣିତିକ ପ୍ରତୀକ, ଉଦ୍ଭିଦର ବିଭିନ୍ନ ଅଂଶ, ଦେଶର ଜାତୀୟ ପତାକା ଅତି ସହଜରେ ଚିହ୍ନଟ କରିବା ସହିତ ୧୨ ମାସର ନାମ, ଦେଶର ରାଜଧାନୀ, ସପ୍ତାହର ସାତଦିନ, ସପ୍ତର୍ଷି ମଣ୍ଡଳ, ଗ୍ରହ, ଫଳ, ପନି ପରିବା, ଭାରତୀୟ ମୁଦ୍ରା, ମଣିଷର ଆଭ୍ୟନ୍ତରୀଣ ଅଙ୍ଗ ଆଦି ଅନର୍ଗଳ ଭାବେ ଉଚ୍ଚାରଣ କରିବାରପ୍ରତିଭା ଦେଖାଇ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି । ଏ ନେଇ ଇଣ୍ଡିଆ ବୁକ ଅଫ ରେକର୍ଡସର ଏଡିଟରିଆଲ ବୋର୍ଡ ଦ୍ୱାରା ମନୋନୀତ ହୋଇ ଇଣ୍ଡିଆ ବୁକ ଅଫ ରେକର୍ଡର 'ସୁପର ଟେଲେଣ୍ଟେଡ଼ କିଡ୍' ଶୀର୍ଷକରେ ଶ୍ରେୟାଂଶୀଙ୍କ ନାମ ଘଷଣା କରାଯାଇଛି । ସୂଚନାଥାଉକି, ଶ୍ରେୟାଂଶୀଙ୍କ ଦକ୍ଷତା ସମ୍ପନ୍ନ ଭିଡିଓ ତାଙ୍କ ଅଭିଭାବକ ଇଣ୍ଡିଆ ବୁକ ଅଫ ରେକର୍ଡ ବୋର୍ଡର ଟିମ ନିକଟକୁ ପଠାଇଥିଲେ । ପରେ ୨୦୨୩ ମସିହାରେ ଶ୍ରେୟାଂଶୀଙ୍କ ନାମ ଘଷଣା କରାଯିବା ପରେ ପଞ୍ଜାବର ଅମୃତସର ସ୍ଥିତ ଗୁରୁ ନାନକ ଅଡିଟୋରିୟମରେ ଇଣ୍ଡିଆ ବୁକ ଅଫ ରେକର୍ଡର ସିଇଓ ପଙ୍କଜ ଭିଗଙ୍କ ଦ୍ୱାରା ଶ୍ରେୟାଂଶୀଙ୍କୁ ମେଡେଲ ଓ ଆୱାର୍ଡ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶ୍ରେୟାଂଶୀଙ୍କ ବାପା ସୁବ୍ରତ ଅର୍ଦ୍ଧସାମରିକ ବାହିନୀ (ଆଇଟିବିପି) ଅରୁଣାଚଳପ୍ରଦେଶରେ ପାରାମେଡ଼ିକାଲ ଷ୍ଟାଫ ଭାବେ କାର୍ଯ୍ୟରତ ଥିବାବେଳେ ମା' ତୃପ୍ତିଲତା ଗୃହିଣୀ । ବର୍ତ୍ତମାନ ସେ ମା' ସହିତ କେନ୍ଦୁଝରରେ ରହୁଥିବା ବେଳେ କେନ୍ଦୁଝରର ସେଣ୍ଟ ଜାଭିଅର ହାଇସ୍କୁଲର ଏଲ.କେ.ଜିରେ ପଢୁଛନ୍ତି ।




# ଗଛରେ ପିଟିହେଲା କାର୍; ଜଣେ ମୃତ, ୩ ଗୁରୁତର



**କୁଆମରା/ଖୁଣ୍ଟା, ୨୯।୨(ସମିସ):** ବୁଧବାର ବିଳମ୍ବିତ ରାତିରେ କୁଆମରା-ବଡସାହି ରାସ୍ତାର ଖୁଣ୍ଟା ଥାନା ଅନ୍ତର୍ଗତ ସିକିଡିଆଠାରେ ଏକ କାର ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଥିବା ଏକ ଗଛରେ ପିଟି ହେବାରୁ ଜଣକର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି । ହେଲେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଅନ୍ତର୍ଗତ ରାଣୀବନ୍ଧ ଅଞ୍ଚଳରୁ ଏକ କାର ଯୋଗେ ୫ ଜଣ ଯୁବକ ବାଲେଶ୍ୱରର ଏକ ବାହାଘର ଭୋଜିକୁ ଯାଇଥିଲେ । ଭୋଜି ଖାଇସାରି ଘରକୁ ଫେରୁଥିବା ବେଳେ ସିକିଡିଆ ଲକ୍ଷ୍ମୀନାରାୟଣ ମନ୍ଦିରଠାରେ କାରଟି ଭାରସାମ୍ୟ ହରାଇ ଏକ ବଉଳ ଗଛରେ ପିଟି ହୋଇଥିଲା । ଫଳରେ କାରର ସମ୍ମୁଖ ଭାଗ ଚୁରମାର ହୋଇ ଯାଇଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ବାହାର କରିଥିଲେ । ପୁରୁଣାବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ସମସ୍ତ ଗୁରୁତରଙ୍କୁ ପ୍ରଥମେ କୁଆମରା ଏବଂ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ମେଘା ଗ୍ରାମର ସୁଶାନ୍ତ କୁମାର ବେହେରା (୩୫)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଅନ୍ୟ ତିନି ଜଣ ନୂଆସାହି ଗ୍ରାମର ରାକେଶ ଦାସ (୩୦) ଓ ରାଣୀବନ୍ଧ ଗ୍ରାମର ତୋଫାନ କୁମାର ଦାସ (୩୨)ଙ୍କୁ କଟକ ପଠାଯାଇଥିବାବେଳେ ଛୁରୁଣୀ ଗ୍ରାମର ସପନ କୁମାର ପୃଷ୍ଟି (୨୫)ଙ୍କୁ ବାରିପଦାରେ ଭର୍ତ୍ତି କରାଯାଇଛି । କାର ଚାଳକ ଛୁରୁଣୀ ଗ୍ରାମର ମଧୁସୂଦନ ବିନ୍ଧାଣି ଘଟଣାସ୍ଥଳରୁ ଫେରାର ହୋଇଯାଇଛି ।

# ବ୍ଲକ୍‌ସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କପ୍ତିପଦା, ୨୯।୨(ସମିସ):** କପ୍ତିପଦା ବ୍ଲକର ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ଏକ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଶଶିବିରରେ ବ୍ଲକ ଏବିଡିଓ ବିଦ୍ୟାଭାରତୀ ନାଏକ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା, ଜିଲ୍ଲା ପ୍ରୋଗ୍ରାମ ଅତିରିକ୍ତ ଅଧକ୍ଷ ଶ୍ୱେତବାହିନୀ ମିଶ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚାନ୍ଦ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ବିପିନସିଂବଦ୍ରା ପ୍ରମୁଖ ଯୋଗ ଦେଇଥିଲେ । ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ମୋହନ ମୁର୍ମୁ, ଗଳା, ନାସା ଓ କର୍ଣ୍ଣ ବିଭାଗର ବିଶେଷଜ୍ଞ ଡାକ୍ତର ବିଶ୍ୱନାଥ ଦାସ, ମାନସିକ ଅନଗ୍ରସର ବିଶେଷଜ୍ଞ ଡାକ୍ତର ଚୁନାରାମ ସରେନ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ମିତାମିଶ୍ର ପ୍ରମୁଖ ଯୋଗଦେଇ ପରୀକ୍ଷା କରିଥିଲେ । ମୋଟ ୬୬୪ଜଣ ପଞ୍ଜୀକରଣ କରିଥିବା ବେଳେ ୪୦୨ ଜଣଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ବସ୍ ପାସରେ ୨୨୦ଜଣ, ଇନକମ ସାର୍ଟିଫିକେଟ ୧୬୦ଜଣ, ପେନସନରେ ୬୦ଜଣ, ବାଣିଶ୍ରୀରେ ୮ଜଣ, ଋଣ ପାଇଁ ୭ଜଣ, ମିଶନଶକ୍ତିରେ ୩ଜଣ, ବିବାହ ପଞ୍ଜୀକରଣ ୨ଜଣ, ଚକ୍ଷୁ ବିଭାଗରେ ୬୩ ଜଣ, ମାନସିକ ଅନଗ୍ରସର ୫୫ ଜଣ, ବିକଳାଙ୍ଗରେ ୧୨ଜଣଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ଶିବିରରେ ଅତିରିକ୍ତ ତହସିଲଦାର ଭିମକାନ୍ତ ମାଝୀ, ରାଜସ୍ୱ ନିରିକ୍ଷକ, ସମସ୍ତ ପଞ୍ଚାୟତ ନିର୍ବହି ଅଧିକାରୀ, ଜିଆରଏସ, ବିଏଫଟି, ଶିକ୍ଷକ, ଅଙ୍ଗନବାଡି କର୍ମୀ, ଯୋଗାଣ ସହାୟକ, ସରପଞ୍ଚ, ସମିତି ସଭ୍ୟ, କପ୍ତିପଦା ଓ ଶରତ ମେଡ଼ିକାଲ ଟିମ ଓ ଶରତ ପୁଲିସ ସହଯୋଗ କରିଥିଲେ । ସାମାଜିକ ସୁରକ୍ଷା କର୍ମୀ ସ୍ମିତା ମାଝି, ଦିବ୍ୟଶଙ୍କର ପାଲ ଓ ତପନ କୁମାର ରାଉତ ପରିଚାଳନା କରିଥିଲେ ।



## ଉପଖଣ୍ଡ ଡାକ୍ତରଖାନା ମୁଖ୍ୟ ଫାଟକ ସମ୍ମୁଖ ଛକ ତ୍ରୁଟିପୂର୍ଣ୍ଣ

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ବି ଶୁଣୁନି ପୂର୍ତ୍ତ ବିଭାଗ

ଉଦଳା, ୨୯।୨(ସମିସ)

କପ୍ତିପଦା ଉପଖଣ୍ଡବାସୀ ସ୍ୱାସ୍ଥ୍ୟସେବା ପାଇଁ ଉଦଳା ଡାକ୍ତରଖାନା ଉପରେ ନିର୍ଭର କରନ୍ତି । ଏହି ଉପଖଣ୍ଡରେ ପ୍ରାୟ ୫ ଲକ୍ଷ ଲୋକ ବସବାସ କରନ୍ତି । ଏହି ଡାକ୍ତରଖାନା ସବୁବେଳେ ଭିଡ ଲାଗିରହିଥାଏ; ହେଲେ ଡାକ୍ତରଖାନାର ମୁଖ୍ୟ ଫାଟକ ସମ୍ମୁଖ ଛକ ଏବେ ଦୁର୍ଘଟଣା ପ୍ରବଣ ହୋଇଛି । ଉକ୍ତ ଛକଟି ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ଏବଂ ଜନଗହଳିପୂର୍ଣ୍ଣ ହୋଇପଡ଼ିଛି । କାରଣ ଏହି ଛକରେ ଉଦଳାର ବିଚାର ବିଭାଗୀୟ କୋର୍ଟ, ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ, ଉପଜିଲ୍ଲାପାଳ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବନବିଭାଗ କାର୍ଯ୍ୟାଳୟ, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ, ମୁଖ୍ୟଡାକଘର, ଉଦଳା ଥାନା, କଲ୍ୟାଣମଣ୍ଡପ, ପଶୁ ଚିକିତ୍ସାଳୟ, ପାଠାଗାର, ଲ୍ୟାମ୍ପ୍ସ, ଏମସିସି ବ୍ୟାଙ୍କ, ଟେଲିଫୋନ ଭବନ ରହିଛି; ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଉଦଳା ବସଷ୍ଟାଣ୍ଡକୁ ଏହି ଛକ ଦେଇ ଏକ ରାସ୍ତା ରହିଛି । ଫଳରେ ଏହି ଛକଟି ସବୁ ସମୟରେ ଜନଗହଳିପୂର୍ଣ୍ଣ । ପାଞ୍ଚ ଦିଗକୁ ଯାଇଥିବା ଏହି ରାସ୍ତା ଥିବା ଛକଟି ଅତ୍ୟନ୍ତ ସମ୍ବେଦନଶୀଳ ଭାବେ ଚିହ୍ନଟ ହୋଇଛି । ହେଲେ ଏଠାରେ ଟ୍ରାଫିକ ବ୍ୟବସ୍ଥା ନାହିଁ ।

ଅପରପକ୍ଷରେ ଡାକ୍ତରଖାନାକୁ ଆସୁଥିବା ଓ ଯାଉଥିବା ଆମ୍ବୁଲାନ୍ସ ସର୍ବାଧିକ ଏବଂ ଅଗ୍ନିଶମ ଗାଡି ମଧ୍ୟ ସବୁ ସମୟରେ ଯିବାଆସିବା କରୁଛି । ଫଳରେ ଆମ୍ବୁଲାନ୍ସ ହେଉ କି ଅନ୍ୟ କୌଣସି ଯାନ ହେଉ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଯଦି ସେହି ସମୟରେ ଅନ୍ୟ କିଛି ଗାଡି ଆସିଯାଏ ତାହାହେଲେ ପରିସ୍ଥିତି ଅସମ୍ଭାଳ । ପ୍ରାୟ ସବୁ ଦିନ ଏହି ଛକରେ ଛୋଟବଡ ଦୁର୍ଘଟଣାମାନ ଘଟୁଥିବା ନଜିର ରହିଛି । ଅପରପକ୍ଷରେ ଉକ୍ତ ଛକ ନିକଟ ତଥା ଉପଖଣ୍ଡ ଡାକ୍ତରଖାନା ସମ୍ମୁଖ ଅଞ୍ଚଳ ଖାଲି ପଡ଼ିଥିବା ବେଳେ ଦୀର୍ଘଦିନ ହେଲା ଏହି ଛକକୁ ପୁନରୁଦ୍ଧାର କରିବା ପାଇଁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଦୀର୍ଘ ବର୍ଷ ହେଲା ଅବହେଳିତ ଅବସ୍ଥାରେ ରହିଛି । ଉପଖଣ୍ଡର ସମସ୍ତ ଉଚ୍ଚ ପଦାଧିକାରୀ ଏହି ଛକ ଦେଇ ଯା'ଆସ କରୁଥିଲେ କାହାର ନଜର ପଡୁନାହିଁ । ତେବେ ୨୦୨୩ ଅପ୍ରେଲରେ ଜିଲ୍ଲାପାଳ ଅଚାନକ ଉଦଳା ଡାକ୍ତରଖାନା ପରିଦର୍ଶନ କରିବା ସମୟରେ ଆମ୍ବୁଲାନ୍ସ ପାଇଁ ଥିବା ସମ୍ମୁଖ ରାସ୍ତାର ଗୁରୁତ୍ୱ ଓ ଆବଶ୍ୟକତାକୁ ହୃଦୟଙ୍ଗମ କରି ତୁରନ୍ତ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ସ୍ଥାନରେ ବିଦ୍ୟୁତ ବିଭାଗର ଏକ ଟ୍ରାନ୍ସଫର୍ମର ବସାଯାଇ ଆବଦ୍ଧ ସରିଥିଲେ ହେଁ ଆମ୍ବୁଲାନ୍ସ ପାଇଁ ଥିବା ରାସ୍ତା ସେଭଳି ଫାଙ୍କା ରହିଛି । ବିଚାର ବିଭାଗୀୟ କୋର୍ଟର ସୁରକ୍ଷା ପ୍ରାଚୀର ନୂତନ ଭାବେ ନିର୍ମାଣ ଚାଲିଥିବାବେଳେ ଉକ୍ତ ସ୍ଥାନ ମଧ୍ୟ ଦୁଇରୁ ତିନିଫୁଟ ସଙ୍କୁଚିତ ହୋଇଯାଇଛି । ତେବେ ୨୦ ଫୁଟ ଓସାରର ଆମ୍ବୁଲାନ୍ସ ଯାତାୟାତ ପାଇଁ ସ୍ଥାନ ଖାଲି ପଡ଼ିଥିଲେ ହେଁ ଉକ୍ତ ରାସ୍ତାକୁ ଅମ୍ବୁଲାନ୍ସ ରାସ୍ତା ନ କରିବା ବିଭାଗୀୟ ବିଫଳତାକୁ ସ୍ପଷ୍ଟ କରୁଛି । ଇତିମଧ୍ୟରେ ଜିଲ୍ଲପାଳଙ୍କ ନିର୍ଦ୍ଦେଶକୁ ୧୦ମାସ ବିତିଥିଲେ ହେଁ ଆଜିଯାଏ କାର୍ଯ୍ୟ ହୋଇପାରିନାହିଁ । ଏପରିକି ଇତିମଧ୍ୟରେ ଦୁଇଜଣ ଜିଲ୍ଲାପାଳ ମଧ୍ୟ ବଦଳି ହେଲେଣି; କିନ୍ତୁ ନିର୍ଦ୍ଦେଶ କାମ କରୁନି । ଅଭିଯୋଗ ସତ୍ତ୍ୱେ ଶୁଣୁନି ପୂର୍ତ୍ତ ବିଭାଗ । ଫଳରେ ତେବେ ଏନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଡାକ୍ତରଖାନା ଫାଟକର କଳେବର ବିଭାଗ କରୁଥିବା ବେଳେ ଆବଶ୍ୟକତାରୁ ଅଧିକ ଥିବା ଆମ୍ବୁଲାନ୍ସ ରାସ୍ତାକୁ କାହିଁକି ଅଗ୍ରାଧିକାର କାହିଁକି ଦେଉନି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅପରପକ୍ଷରେ ଉକ୍ତ ଛକରେ ଲାଇଟ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ଜୋର ହୋଇଛି । ଆଗାମୀ ଦିନରେ ଯଦି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଳନ ନ ହୁଏ ତାହାହେଲେ ଆନ୍ଦୋଳନାତ୍ମକ ରାସ୍ତା ଆପଣାଇବାକୁ ଭଞ୍ଜସେନାର ଉପଖଣ୍ଡ ସଭାପତି ରବିନ କୁମାର ମହାନ୍ତି ଚେତାବନୀ ଦେଇଛନ୍ତି ।



# ରାଣୀପୋଖରୀରେ ମାଗେ ପର୍ବ ଉଦ୍‌ଯାପିତ



**କପ୍ତିପଦା, ୨୯।୨(ସମିସ):** କପ୍ତିପଦା ବ୍ଲକ ରାଣୀ ପୋଖରୀ ଲାବୁଆ ସାହିରେ ଆଦିବାସୀ କଳା ଓ ସାଂସ୍କୃତିକ ସଂଘ ପକ୍ଷରୁ ହୋ ସମ୍ପ୍ରଦାୟର ମାଗେ ପର୍ବ ପାଳିତ ହୋଇଛି । ଆଦିବାସୀ ମାନ୍ୟତା ଅନୁଯାୟୀ ଏହା ଏକ ମୁଖ୍ୟ ପର୍ବ । ଗ୍ରାମର ଦିୟୁରୀ ସମା ତିୟୁ, ସହଯୋଗୀ ଜମ୍ ସିମ୍, ଲେବା ସିଂଙ୍କୁ ହାତୁ ଡାକୁଆ ସଙ୍ଗା ପୂର୍ତ୍ତି, ସୁକୁଲାଲ ମୁଣ୍ଡି ଗ୍ରାମ ଶାଳାରେ ପୂଜାର୍ଚ୍ଚନା ସମାପନ କରିଥିଲେ । ଏହି ପର୍ବ ୬ ଦିନ ଧରି ଅନୁଷ୍ଠିତ ହୋଇଥିଲା ।

ଆଦିବାସୀମାନେ ମାଦଳର ତାଳେ ତାଳେ ନାଚିଥିଲେ । ବୀର ବୀର ବିର୍ସା ମୁଣ୍ଡା ଶ୍ରମିକ ସଂଗଠନର ସଭାପତି ମାର୍କଣ୍ଡ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ । ଏଥିରେ ମୁଖ୍ୟ ଅତିଥି କରଞ୍ଜିଆର ପୂର୍ବତନ ବିଧାୟକ ବିଜୟ କୁମାର ନାୟକ, ପୂର୍ବତନ ରାଣୀପୋଖରୀ ସରପଞ୍ଚ ନାରାବୁଳିଉଲି, ନୂଆଗାଁ ପୂର୍ବତନ ସରପଞ୍ଚ ରମେଶ ବିରୁଆ, ୱାର୍ଡ ମେମ୍ବର ସୋମବାରୀ ବିରୁଆ, ଆଶା ତୁଲସୀ ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଏହି ପର୍ବ ମାଧ୍ୟମରେ ଦୀର୍ଘ ସ୍ଥାୟୀ ହୋଇପାରିବ ବୋଲି କହିଥିଲେ । ହୋ ସମାଜ ପକ୍ଷରୁ ଏହି ଦିନକୁ ସରକାରୀ ଛୁଟି ଘୋଷଣା କରିବାକୁ ଦାବି କରାଯାଇଥିଲା । ଏହି ଅବସରରେ ଆଦିବାସୀ କଳା ସଂସ୍କୃତିଓ ଯୁବପିଢିଙ୍କ ପାଇଁ ବିଭିନ୍ନ ପ୍ରକାରର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଏବଂ ଶେଷରେ ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଦାଇଗ ପୂର୍ତ୍ତି, ବୁଦ୍ଧିରାମ ତିୟୁ, ଚନ୍ଦ୍ରମୋହନ ତିୟୁ, ରମାକାନ୍ତ ଲୋହାର ପ୍ରମୁଖ ସହଯୋଗ କରିଥିଲେ ।

କେନ୍ଦୁଝରରେ ରାଷ୍ଟ୍ରପତି

# ଜନଜାତି ଶିକ୍ଷିତ ଓ ସଚେତନ ହେଲେ ଦେଶର ସମୃଦ୍ଧି ତ୍ୱରାନ୍ୱିତ ହେବ





- ଧରଣୀଧର ବିଶ୍ୱବିଦ୍ୟାଳୟରେ ଜନଜାତି, ଜନ ସଂସ୍କୃତି ଓ ଐତିହ୍ୟ ଶୀର୍ଷକ ଜାତୀୟ ପାଠଚକ୍ରରେ ଉଦ୍‌ବୋଧନ
- ଗୋନାସିକାରେ ଆଦିମ ଜନଜାତି ବର୍ଗଙ୍କ ସହ ଭାବବିନିମୟ

କେନ୍ଦୁଝର,୨୯।୨(ସମିସ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ସ୍ୱତନ୍ତ୍ର ବିମାନ ଯୋଗେ ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ଅବତରଣ କରିବା ପରେ ସଡ଼କପଥରେ ଗୋନାସିକା ଗସ୍ତ କରିଥିଲେ। ସେଠାରେ ଆଦିମ ଜନଜାତି ବର୍ଗଙ୍କ ସହ ଭାବ ବିନିମୟ କରିଥିଲେ। ପରେ ଧରଣୀଧର ବିଶ୍ୱବିଦ୍ୟାଳୟରେ କେନ୍ଦୁଝରଠାରେ ଆୟୋଜିତ 'ଜନଜାତି, ଜନ ସଂସ୍କୃତି ଓ ଐତିହ୍ୟ' ଶୀର୍ଷକ ଜାତୀୟ ପାଠଚକ୍ରର ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ରାଷ୍ଟ୍ରପତି କହିଥିଲେ ଯେ ଜନଜାତିମାନଙ୍କର ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଜୀବନଶୈଳୀ ଅନନ୍ୟ। ସେମାନେ ଶିକ୍ଷିତ ଓ ସଚେତନ ହେଲେ ଦେଶର ସମୃଦ୍ଧି ତ୍ୱରାନ୍ୱିତ ହୋଇପାରିବ।

ଗୋନାସିକାଠାରେ ଆଦିମ ଜନଜାତି ଜୁଆଙ୍ଗ ବର୍ଗର ଜନସାଧାରଣଙ୍କ ସହ ଭାବବିନିମୟ କରିବା ଛଳରେ ରାଷ୍ଟ୍ରପତି କହିଥିଲେ ଜନଜାତି ସଂସ୍କୃତି ହେଉଛି ଆଦିମ ସଂସ୍କୃତ। ଜନଜାତି ସଂସ୍କୃତିର ପରମ ବୈଭବ ହେଉଛି ନୃତ୍ୟ, ଗୀତ, କଳାପାଟବ, ପର୍ବପର୍ବାଣୀ, ଦେବଦେବୀ ଉପାସନା ତଥା ଲୋକଗୀତ। ଜନଜାତି ଜୀବନଦର୍ଶନ ହେଉଛି ଖୁସିରେ ଜୀବନ ଜୀଇଁବା, ନିଜେ ବଞ୍ଚିବା, ଅନ୍ୟକୁ ବଞ୍ଚାଇବା, ପରିବାରର ସୁଖ ଚାହିଦା ଓ ସମାଜକୁ ନେଇ ଜୀବନ ନିର୍ବାହ କରିବା। ସେଥିପାଇଁ ଜନଜାତି ମଣିଷ ପାଖରେ ବସ୍ତୁବାଦୀ ଚେତନାର ମୋହ ନଥାଏ। ଆଜି ସଭ୍ୟ ସମାଜ ଯେଉଁ ସଂସ୍କୃତିକୁ ନେଇ ଗର୍ବିତ ତାହା ଜନଜାତି ସଂସ୍କୃତିର ମାର୍ଜିତ ରୂପ ବୋଲି ସେ କହିଥିଲେ। ଜୁଆଙ୍ଗ ଭାଇଭଉଣୀ ହୁଅନ୍ତୁ କିମ୍ବା ଅନ୍ୟଭାଇଭଉଣୀମାନେ କୌଳିକ ବୃତ୍ତ ମାଧ୍ୟମରେ ମାର୍କେଟିଂ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହେଉଛନ୍ତି ବୋଲି ରାଷ୍ଟ୍ରପତି କହିଥିଲେ। ଆଦିମ ଜନଜାତି ବର୍ଗର ଜନସାଧାରଣ କେଉଁ ପ୍ରକାର ଧନ୍ଦା ବା କର୍ମସଂସ୍ଥାନ କରି ରୋଜଗାର କରୁଛନ୍ତି ଏବଂ ବିଭିନ୍ନ ଯୋଜନାରେ କିପରି ଉପକୃତ ହେଉଛନ୍ତି ସେ ସଂପର୍କରେ ପଚାରି ବୁଝିଥିଲେ। ଏତଦ୍‌ବ୍ୟତୀତ ସେମାନଙ୍କର ଶିକ୍ଷାର ବିକାଶ କିପରି ହୋଇପାରିବ ସେ ସଂପର୍କରେ ବାର୍ତ୍ତାଳାପ କରିଥିଲେ। ଏହି ଅବସରରେ ଜୁଆଙ୍ଗ ପୀଢ଼ର ସର୍ଦ୍ଦାରମାନଙ୍କୁ ରାଷ୍ଟ୍ରପତି ଉପଢୌକନ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ରଘୁବର ଦାସ, ଓଡିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦୁଝର ବିଧାୟକ ତଥା ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ, ପୂର୍ବତନ ସାଂସଦ ଅନନ୍ତ ନାୟକ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଶ୍ରୀକାନ୍ତ ପୃଷ୍ଟି, ଏସ୍‌ପି ନିତିନ କୁଶଲକର ପ୍ରମୁଖ ଉପସ୍ଥିତ ଥିଲେ।

ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସରଠାରେ ଆୟୋଜିତ 'କେନ୍ଦୁଝରର ଜନଜାତି, ଜନ ସଂସ୍କୃତି ଓ ଐତିହ୍ୟ' ଶୀର୍ଷକ ଜାତୀୟ ପାଠଚକ୍ରର ଉଦ୍‌ଘାଟନ କରି ରାଷ୍ଟ୍ରପତି ଜନଜାତି, ଜନସଂସ୍କୃତି ଓ ଐତିହ୍ୟ ଉପରେ ଅଧିକ ଗବେଷଣା ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ। ଜନଜାତିମାନଙ୍କର ଅସ୍ମିତାକୁ ଋଦ୍ଧିମନ୍ତ କରିବା ସହିତ ଲୋପ ପାଇବାକୁ ଯାଉଥିବା ଜନଜାତି ସଂସ୍କୃତି, ଐତିହ୍ୟ, ପରମ୍ପରାର ପୁନଃଉଦ୍ଧାର ସହିତ ଏହାକୁ ଅଧିକ ଋଦ୍ଧିମନ୍ତ କରିବା ପାଇଁ ସମସ୍ତଙ୍କର ମାନସିକତା ଓ ଆନ୍ତରିକତା ଏକାନ୍ତ ଆବଶ୍ୟକ ବୋଲି କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟରେ ମହାନ ଆଦିବାସୀ ନେତା ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସୁଯୋଗ ପାଇଛି ବୋଲି କହିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମାତୃଭୂମି ପାଇଁ ତାଙ୍କର ତ୍ୟାଗ, ବୀରତ୍ୱ ଆଗାମୀ ପୀଢି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ମହାବିଦ୍ୟାଳୟ ପରିସରରେ ଜନଜାତିମାନଙ୍କର ପାରମ୍ପରିକ ପୋଷାକ, ଖାଦ୍ୟ, ନୃତ୍ୟ, ଗୀତ, ବାଦ୍ୟଯନ୍ତ୍ରକୁ ନେଇ ଆୟୋଜିତ ପ୍ରଦର୍ଶନୀ ତାଙ୍କୁ ଖୁବ୍ ଉତ୍ସାହିତ କରିଛି ବୋଲି କହିଥିଲେ। ଶିକ୍ଷା ପିଲାମାନଙ୍କ ମଧ୍ୟରେ ଥିବା ସମ୍ଭାବନାକୁ ଫଳବତୀ କରିଥାଏ। ପଢିଲେ ବଢିବ ବୋଲି କହିବା ସହିତ ନିଜର ଦକ୍ଷତା ବିକାଶ କରି ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି କହିଥିଲେ। ଏହି କର୍ମଶାଳାରେ ବିଶିଷ୍ଟ ଅତିଥି ଭାବେ ରାଜ୍ୟପାଳ ତଥା କୁଳାଧିପତି ରଘୁବର ଦାସ ଉଦ୍‌ବୋଧନ ଦେଇଥିଲେ। ଏତଦ୍‌ବ୍ୟତୀତ ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ବକ୍ତବ୍ୟ ପ୍ରଦାନ କରିଥିଲେ। ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହିତ ପାଠଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ତରଫରୁ ରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାପାଳ ବିଶାଳ ସିଂହ, ଏସ୍‌ପି ନିତିନ କୁଶଲକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଷ୍ଟ୍ରପତିଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଥିଲା।

## ପ୍ରଧାନଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ଦାନ୍ତ ଭାଙ୍ଗିଲା

**କେନ୍ଦୁଝର/ତେଲକୋଇ,୨୯।୨(ସମିସ):** କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା କାଞ୍ଜିପାଣି ଆଶ୍ରମ ସ୍କୁଲରେ ପ୍ରଧାନ ଶିକ୍ଷକଙ୍କ ମାଡ଼ରେ ଜଣେ ଛାତ୍ରଙ୍କ ୨ଟି ଦାନ୍ତ ଗଳି ପଡ଼ିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବୁଧବାର ଅପରାହ୍ନରେ ଷଷ୍ଠ ଶ୍ରେଣୀରେ ପ୍ରଧାନ ଶିକ୍ଷକ ସନାତନ ନାଏକ ଭୂଗୋଳ ପଢ଼ାଉଥିଲେ। ଏସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ। ତେବେ ଯେଉଁମାନେ ଉତ୍ତର ଦେଇପାରୁନଥିଲେ ସେମାନଙ୍କୁ ସେ ମାଡ଼ ମାରିଥିଲେ। କାଞ୍ଜିପାଣି ଗ୍ରାମର ବିଜୟ ହାତୀଙ୍କ ପୁଅ ପିଙ୍କୁନ କୁମାର ହାତୀ (୧୧) ମଧ୍ୟ ଉତ୍ତର ଦେଇ ନ ପାରିବାରୁ ତା'ର ଦୁଇ ଗାଲରେ ଚାପୁଡ଼ା ମାରିଥିଲେ। ଏଭଳି ମାଡ଼ ଦେଇଥିଲେ ଯେ ପିଙ୍କୁନଙ୍କର ୨ଟି ଦାନ୍ତ ଭାଙ୍ଗିଯାଇଛି। ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ କାଞ୍ଜିପାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ପିଲାଙ୍କୁ ଡରାଇବା ପାଇଁ ହାଲକା ମାଡ଼ ଦେଇଥିଲି। ସେ ପିଲାର ଦାନ୍ତ ଆଗରୁ ଭାଙ୍ଗିଛି। ଯଦି ମାଡ଼ରେ ଦାନ୍ତ ଭାଙ୍ଗିଲା ସେ କାନ୍ଦିବା କଥା। ଗ୍ରାମବାସୀଙ୍କ ପ୍ରରୋଚନାରେ ଏଭଳି ଅଭିଯୋଗ ଆଣିଛନ୍ତି ବୋଲି ସେ କହିଛନ୍ତି। ଏ ସଂପର୍କରେ ଡିଡବ୍ଲୁଓ ପ୍ରବୀର କୁମାର ଦେଓଙ୍କୁ ପଚାରିବାରୁ ଶିକ୍ଷାନୁଷ୍ଠାନ ଗୁଡିକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଯୁବକଙ୍କୁ ଆକ୍ରମଣ କରି ୫ ଗିରଫ

**ବଡ଼ବିଲ, ୨୯।୨(ସମିସ):** ବଡ଼ବିଲ ଥାନା ସେରେଣ୍ଡା ପଞ୍ଚାୟତ କାସିଆ ଗ୍ରାମରେ ମାଗେ ପରବ ପାଳନ ହେଉଥିବା ବେଳେ ଚମ୍ପୁଆ ବସ୍ତି ଅଞ୍ଚଳର ପ୍ରେମ ମୁଣ୍ଡା (୨୪)ଙ୍କୁ ବଡ଼ବିଲ ଚଟେଇ ହଟିଂ ଅଞ୍ଚଳର କିଛି ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରି ନିକଟସ୍ଥ ଜଙ୍ଗଲକୁ ଟେକି ନେଇ ମାଡ଼ ମାରିବା ସହ ଧାରୁଆ ଅସ୍ତ୍ରରେ ତାଙ୍କର ଛାତି ଓ ପେଟରେ ଆଘାତ କରି ଫୋପାଡ଼ି ଦେଇଥିଲେ। ତେବେ ଏ ବିଷୟରେ ବଡ଼ବିଲ ପୁଲିସ ଖବର ପାଇ ତଦନ୍ତ କରିବାସହ ଅବିନାଶ ପାତ୍ର, ଦିପୁ ମହାକୁଡ଼, ମୁକେଶ ହେମ୍ବ୍ରମ, ବାସୁଦେବ ମହାକୁଡ଼, ରୋଶନ ହେମ୍ବ୍ରମ ଓ ଜଣେ ନାବାଳକ ଆକ୍ରମଣକାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ତେବେ ପ୍ରେମଙ୍କୁ ପ୍ରଥମେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକତ୍ସା କଲା ପରେ କେନ୍ଦୁଝର ମୁଖ୍ୟ ଚିକତ୍ସାଳୟ ପଠାଯାଇଥିଲା। ସେଠାରେ ସେ ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

## କିରାଣି ଶୂନ୍ୟ ପାଲଟିଲା ବିଇଓ କାର୍ଯ୍ୟାଳୟ

**ହାଟଡ଼ିହୀ,୨୯।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟରେ ଦୀର୍ଘଦେଢ଼ବର୍ଷ ପୂର୍ବରୁ ବରିଷ୍ଠ ସହାୟକ ମନୋଜ ନାୟକ ଏବଂ କନିଷ୍ଠ ସହାୟକ ନିଳାଦ୍ରୀ ରାଉତଙ୍କ ସହ କନିଷ୍ଠ କିରାଣି ସୁରେନ୍ଦ୍ର କୁମାର ସା କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ଦାୟିତ୍ୱ ତୁଲାଇ ଆସୁଥିଲେ। ଦେଢ଼ବର୍ଷ ପୂର୍ବେ ବରିଷ୍ଠ ସହାୟକ ମନୋଜ ନାୟକ ଘଷିପୁରା ବ୍ଲକ୍ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟକୁ ଡେପୁଟିସନରେ ଯାଇଥିଲା ବେଳେ କନିଷ୍ଠ ସହାୟକ ନିଳାଦ୍ରୀ ରାଉତ ୮ ମାସ ପୂର୍ବେ ବାଂଶପାଳ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟକୁ ବଦଳି ହୋଇଯାଇଛନ୍ତି। ଏକମାତ୍ର କିରାଣି ଭାବ କାର୍ଯ୍ୟରତ ସୁରେନ୍ଦ୍ର ସା ଆଜି ଅବସର ନେବା ପରେ ହାଟଡିହୀ ବ୍ଲକ୍ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟଟି ସମ୍ପୂର୍ଣ୍ଣ କିରାଣି ଶୂନ୍ୟ ହୋଇଯାଇଛି।

## ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ



**ସୋସୋ,୨୯।୨(ସମିସ):** ହାଟଡିହି ବ୍ଲକ ଢେଙ୍କା ପଞ୍ଚାୟତ ଦଣ୍ଡସଣା ଗ୍ରାମର ବରିଷ୍ଠ ବିଜେଡି କର୍ମୀ ଅର୍ଜୁନ ବେହେରା (୬୮)ଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପାଇଁ ଆଖପାଖ ଅଞ୍ଚଳର ବିକ୍ରମ କିଶୋରୀ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ, ନାରାୟଣ ଚନ୍ଦ୍ର ବେହେରା, ମନୋଜ ମହାନ୍ତି, ରାମଚନ୍ଦ୍ର ସେଠୀ, ବିଜୁ ନାୟକ, ଦିନବନ୍ଧୁ ବେହେରା, ଗୋକୁଳ ବେହେରା, ଧ୍ରୁବଚରଣ ବେହେରା, ସନାତନ ବେହେରା, ଉଦୟ ପରିଡା, ନୃସିଂହ ସାମଲ, ପଦ୍ମନାଭ ସାହୁ, ରବିନ୍ଦ୍ର ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ।

## ରାସ୍ତା ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର



**ରମଚନ୍ଦ୍ରପୁର,୨୯।୨(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ କଇନିପୁରାଠାରୁ ୨୦ ନମ୍ବର ଜାତୀୟ ରାଜପଥ ଘସିପୁରା ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତା ସହ ଅଶନବାହାଳୀ ଠାରୁ ବାଟସାହୀ ପର୍ଯ୍ୟନ୍ତ ଦୀର୍ଘ ୬ କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ପାଇଁ ଆଜି ଭିତ୍ତିପ୍ରସ୍ତର କାର୍ଯ୍ୟ ଘସିପୁରା ବିଧାୟକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏହି ଦୁଇଟି ରାସ୍ତା ନିର୍ମାଣ ପାଇଁ ୧୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଜଣାପଡିଛି। ରାସ୍ତା ପ୍ରଶସ୍ତିକରଣ ହେଲେ ଗ୍ରାମାଞ୍ଚଳରେ ରହୁଥିବା ଜନସାଧାରଣ ସଦର ମହକୁମାକୁ ସ୍ୱଳ୍ପ ସମୟରେ ସୁବିଧାରେ ଅନାୟସରେ ଯିବା ଆସିବା କରି ପାରିବେ ବୋଲି ବିଧାୟକ କହିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ସମେତ ଭଣ୍ଡାରିଡିହା ସରପଞ୍ଚ କୃଷ୍ଣଚନ୍ଦ୍ର ରାଉତ, ବଳରାମପୁର ସରପଞ୍ଚ ବଳରାମ ସାହୁ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅସିତ କୁମାର ପଣ୍ଡା, ଠିକାଦାର ସଂଜୟ କୁମାର ମିଶ୍ର, ଦେବେନ୍ଦ୍ର ଜେନା, ସୁରେନ୍ଦ୍ର ଭୂୟାଁ ସମେତ ସ୍ଥାନିୟ ଅଞ୍ଚଳର ମୁରବୀ ଏବଂ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।

## ନାରଦପୁରରେ ବିକଶିତ ଭାରତ ସଂକଳ୍ପ ଯାତ୍ରା

**ନାରଦପୁର,୨୯।୨(ସମିସ):** ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନାରଦପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ପୂର୍ବାହ୍ନ ୧୧ଟା ସମୟରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ରଥକୁ ସ୍ୱାଗତ କରାଯାଇଛି। ସରପଞ୍ଚ ହେମନ୍ତୀ ମୁଦିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ଝୁମ୍ପୁରା ଏବିଡିଓ ଜିତୁ ରଞ୍ଜନ ଜେନା, ନାଏବ ସରପଞ୍ଚ ଚନ୍ଦନ ବୋଇପାଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ନାଏକ, ଗ୍ରାମରୋଜଗାର ସେବକ ପ୍ରୀତିରେଖା ଘଣ୍ଟିଆଳୀ, ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ, ଭାରତୀୟ ମଜୁଦୁର୍ ସଂଘ ଜିଲ୍ଲା ସଂପାଦକ ବାବୁଲାଲ ମହାନ୍ତ, ଫାର୍ମାସିଷ୍ଟ ରାଜେଶ୍ ପ୍ରସାଦ ସାହୁ, ଏମ୍‌ଆଇ ସରିତା ମିର୍ଦ୍ଧା, କୃଷି ଅଧିଦର୍ଶକ ବଳରାମ ମାଝୀ ଓ ବିପିସି ଯୋଗଦେଇଥିଲେ। ଏଥିରେ ୱାର୍ଡମେମ୍ବର ସୁମତି ଓରାମ, ଲକ୍ଷ୍ମୀରାଣୀ ଦାସ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

ରଣଛାଡ଼ ଯୋଜନାରେ ତଞ୍ଚକତା ମାମଲା

## ଅଭିଯୁକ୍ତକୁ ୩ବର୍ଷ କାରାଦଣ୍ଡ

**କେନ୍ଦୁଝର,୨୯।୨(ସମିସ):** କେନ୍ଦୁଝର ଜିଲ୍ଲାର ଦେଓଗାଁ ସର୍ଭିସ କୋଅପରେଟିଭି ସୋସାଇଟର ତତ୍‌କାଳିନ ସମ୍ପାଦକଙ୍କୁ ଋଣ ଛାଡ଼ରେ ତଞ୍ଚକତା ମାମଲାରେ ଭିଜିଲାନ୍ସ କୋର୍ଟ ୩ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମନା ଆଦେଶ ଦେଇଛନ୍ତି। କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାଗୀରଥି ଭୂୟାଁ ଦେଓଗାଁ ସର୍ଭିସ କୋଅପରେଟିଭି ସୋସାଆଇଟିରେ ୧୯୮୬ରୁ ୨୦୦୮ ପର୍ଯ୍ୟନ୍ତ ସମ୍ପାଦକ ଭାବେ କାମ କରିଥିଲେ। ଏଭଳି ସମୟରେ ୨୦୦୮-୦୯ ବର୍ଷରେ ସରକାରଙ୍କ ପକ୍ଷରୁ କୃଷି ଋଣ ଛାଡ଼ ଯୋଜନା ଆସିଥିଲା। ସୋଆସାଇଟିର ସମ୍ପାଦକ ଟଙ୍କା ହାଡ଼ପ କରିବାକୁ ୨୦ ଜଣ ନକଲି ହିତାଧିକାରୀଙ୍କ ନାମରେ ମୋଟ ୩ ଲକ୍ଷ ୨୪ ହଜାର ଟଙ୍କା ତଞ୍ଚକତା କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ଭିଜିଲାନ୍ସ କେଶ ନମ୍ବର ୫୦/୨୦୧୧ ତା.୨୧-୧୧-୨୦୧୧ ଅନୁସାରେ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ମାମଲା ବିଚାର ଚାଲିଥିଲା। ୩୭ଜଣଙ୍କର ସାକ୍ଷ୍ୟ, ପ୍ରମାଣ କାଗଜପତ୍ର ଆଧାରରେ ଗୁରୁବାର କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ଜଜ ରଶ୍ମିତା ଦଳେଇ ଅଭିଯୁକ୍ତ ଭାଗୀରଥି ଭୂୟାଁଙ୍କୁ ୩ବର୍ଷ ଜେଲ, ୧୦ ହଜାର ଜରିମନା, ଅନାଦେୟ ଅଧିକ ୨ ମାସ ଜେଲ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ ବୋଲି ଜଣାପଡିଛି।

## ଜଙ୍ଗଲ ନିଆଁ ରୋକିବାକୁ ସଚେତନତା




**ତେଲକୋଇ,୨୯।୨(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆଜି ଜଙ୍ଗଲ ନିଆଁ ନିୟନ୍ତ୍ରଣ ଓ ତାର ନିରାକରଣକୁ ନେଇ ବନ ବିଭାଗ ପକ୍ଷରୁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୨୦ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ କେଦାର ଚନ୍ଦ୍ର ପ୍ରଧାନ, କେନ୍ଦୁ ପତ୍ର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ସେନାପତି, ଅଗ୍ନିଶମ କର୍ମଚାରୀ ଅନାମ ଅମାତ, ତେଲକୋଇ ବନାଞ୍ଚଳ ଅଧିକାରୀ ତଥା ଏସି ଏଫ୍ ଶିବାଜି ମୋହନ ରାଓ, ବରିଷ୍ଠ ନାଗରିକ ମହେନ୍ଦ୍ର ନାୟକ, ବିଦ୍ୟୁତ୍ ବିଭାଗ କର୍ମଚାରୀ ସୁରେନ୍ଦ୍ର ସାହୁ, ସମିତି ସଭ୍ୟ ବିରଞ୍ଚି ବେହେରା ପ୍ରମୁଖ ଉପସ୍ଥିତ ରହି ବନାଗ୍ନି ନିୟନ୍ତ୍ରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜଙ୍ଗଲରେ ନିଆଁ ଲଗାଉଥିବା ଦୁର୍ବୃତ୍ତ ବନ ବିଭାଗ ହାତରେ ଧରା ପଡ଼ିଲେ ଅର୍ଥ ଜୋରିମାନା ସହିତ ଜେଲ ଦଣ୍ଡ ରହିଥିବା କୁହା ଯାଇଛି। ଏହା ସହିତ ଜଙ୍ଗଲ ରେ ନିଆଁ ଲାଗିଥିବା ଦୁର୍ବୃତ୍ତକୁ ବନ ବିଭାଗ ହାତରେ ଧରାଇ ଦେଲେ ସେଥିପାଇଁ ପୁରସ୍କାର ରାଶି ରହିଥିବା ଘୋଷଣା କରା ଯାଇଛି। ଅନ୍ୟପଟେ ପ୍ରତ୍ୟେକ ଗ୍ରାମରେ ରହିଥିବା ଜଙ୍ଗଲ ସୁରକ୍ଷା ସମିତିକୁ ମଧ୍ୟ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ସଚେତନତାର ବାର୍ତ୍ତା ବଣ୍ଟା ଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବନ ସୁରକ୍ଷା ସମିତିର ସଭାପତି, ସମ୍ପାଦକ ଓ ସମସ୍ତ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବନ ବିଭାଗ ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଦିନ ୧୨.୪୫ରେ ବାଜିଲା ସ୍କୁଲର ଛୁଟିଘଣ୍ଟା

**ବେଲବାହାଳି,୨୯।୨(ସମିସ):** ଆନନ୍ଦପୁର ବ୍ଲକ ହରିଡ଼ାପାଳ ପଞ୍ଚାୟତ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ହେବ ଅନିୟମିତତା ଦେଖାଦେଇଛି। ସୂଚନା ଅନୁଯାୟୀ ବୁଧବାର ଦିନ ପ୍ରାୟ ୧୨.୪୫ ମିନିଟ୍ ସମୟରେ ପାଠ ପଢ଼ାଇବା ଛାଡ଼ି ଶିକ୍ଷକ ନିତ୍ୟାନନ୍ଦ ସାମଲ ବିଦ୍ୟାଳୟର ପ୍ରତିଟି ଶ୍ରେଣୀଗୃହକୁ ତାଲା ପକାଇ ଦେଇଥିବା ଏବଂ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଦେଇ ସମସ୍ତଙ୍କୁ ଘରକୁ ପଠାଇ ଦେଇଥିବା ଘଟଣା ଏବେ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କୁ ଚକିତ କରିଛି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ଜଣେ ପ୍ରଧାନ ଶିକ୍ଷୟତ୍ରୀ ଓ ଜଣେ ଶିକ୍ଷକଙ୍କୁ ନେଇ ବିଦ୍ୟାଳୟ ଚାଲୁଛି। ପ୍ରତ୍ୟେକ ଦିନ ଶିକ୍ଷକମାନେ ବିଳମ୍ବରେ ପହଞ୍ଚୁଥିବା ହେତୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ସମସ୍ୟା ଉପୁଜୁଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଟ୍ରେନିଂରେ ଥିବାବେଳେ ସହକାରୀ ଶିକ୍ଷକ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ଦିନ ଗୋଟାଏ ସମୟରେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇବା ପରେ ସ୍କୁଲ ଛୁଟି କରି ଗେଟ୍‌ରେ ତାଲା ପକାଇ ଶିକ୍ଷକ ଘରକୁ ପଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ନିକଟରେ ପହଞ୍ଚି ପ୍ରଧାନଶିକ୍ଷୟିତ୍ରୀଙ୍କୁ ଫୋନ୍ କରି ପଚାରିବାରୁ ସେ ସରକାରୀ ଟ୍ରେନିଂରେ ଯାଇଛନ୍ତି ଏବଂ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଥିଲେ। ଏଣୁ ବିଭାଗୀୟ ଉପରିସ୍ଥ ଅଧିକାରୀ ଘଟଣାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ଗ୍ରାମବାସୀ ଏବଂ ଅଭିଭାବକ ଦାବି ଜଣାଇଛନ୍ତି।

## ଚାଉଳ ଚୋରିକରି ଗିରଫ ହେଲେ ଯୁବକ

**ଚମ୍ପୁଆ,୨୯।୨(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ କରଞ୍ଜିଆ ଗ୍ରାମର ଜଣେ ଯୁବକ ଚାଉଳ ଓ ପଇସା ଚୋରି କରି ପୁଲିସ ହାତରେ ଧରାପଡିଛି। ଏନେଇ ପୁଲିସ ପକ୍ଷରୁ କେଶ ନଂ ୯୯/୨୦୨୪ ରୁଜୁ କରି ଯୁବକକୁ କୋର୍ଟଚାଲାଣ କରିଛନ୍ତି। ସୂଚନା ଅନୁସାରେ କରଞ୍ଜିଆ ଗ୍ରାମର ପଦ୍ମିନୀ ନାଏକ ଓ ସ୍ୱାମି କାଙ୍ଗାଳି ଚରଣ ନାଏକ ଘରେ ଚାବି ମାରି ଏକ ବାହାଘରକୁ ଯାଇଥିଲେ। ଏହାର ସୁଯୋଗ ଦେଖି ଉକ୍ତ ଗ୍ରାମର ଯୁବକ ଚନ୍ଦ୍ର ମୋହନ ନାଏକ ଚାବି ଭାଙ୍ଗି ଘରୁ ୩୫ କେଜି ଚାଉଳ ସହିତ ଘରେଥିବା ୨୦୦୦ ଟଙ୍କା ଚୋରାଇ ନେଇଥିଲେ। ବାହାଘରୁ ଉଭୟ ଫେରି ଘରେ ଚୋରି ହୋଇଥିବା ଦେଖିବା ସହିତ ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣା ସ୍ଥଳକୁ ଯାଇ ସ୍ଥାନିୟ ଲୋକଙ୍କୁ ପଚାରା ଉଚରା କରିବାରୁ ଚନ୍ଦ୍ରମୋହନ ଚାଉଳ ବିକ୍ରି କରିବାକୁ ନେଉଥିବା ଜଣାପଡିଥିଲା। ପରେ ପୋଲିସ ଚନ୍ଦ୍ର ମୋହନକୁ ଗିରଫ କରିବା ସହିତ ତାଙ୍କ ଠାରୁ ୧୮୦୦ ଟଙ୍କା ଜବତ କରିଥିଲେ।

## କୂଅରେ ପଡ଼ି ଶିଶୁକନ୍ୟା ମୃତ

**ଯୋଡା,୨୯।୨(ସମିସ):** ବିଲେଇପଦା ଫାଣ୍ଡି ଅନ୍ତର୍ଗତ କୋହ୍ଲ ହୁଣ୍ଡୁଳା ଗ୍ରାମରେ ଜଣେ ୪ବର୍ଷର ଶିଶୁ କନ୍ୟା କୂଅ ରେ ପଡ଼ି ମୃତ୍ୟୁ ଘଟିଥିବା ଜଣାପଡିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟା ସମୟରେ ସୁରଥ ମୁଣ୍ଡାଙ୍କ ୪ବର୍ଷର ଶିଶୁ କନ୍ୟା ଘର ଠାରୁ କିଛି ଦୂରରେ ଖେଳୁଥିଲା। ଖେଳୁଥିବା ସମୟରେ ନିକଟରେ ଥିବା ଏକ କୂଅରେ ପଡ଼ି ଯାଇଥିଲା। ତେବେ ପରିବାର ଲୋକେ ଖୋଜାଖୋଜି କରି ଶେଷରେ ଉକ୍ତ କୂଅରେ ମୃତ ଅବସ୍ଥାରେ ଭାସୁଥିବା ଦେଖି ପୋଲିସକୁ ଜଣାଇ ଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କୂଅରୁ ମୃତ ଶିଶୁ କନ୍ୟାକୁ ଉଦ୍ଧାର କରି ଗୁରୁବାର ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ନେଇ ଅପମୃତ୍ୟୁ ମାମଲା ନଂ ୯/୨୪ ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ସୁରେଶ ସାହୁ ପ୍ରକାଶ କରିଛନ୍ତି।

## ଅବକାରୀ ଚଢ଼ଉ; ତିନି ଗିରଫ

**ତେଲକୋଇ,୨୯।୨(ସମିସ):** ତେଲକୋଇ ଅବକାରୀ ବିଭାଗ ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ତିନି ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ଠାରୁ ୬୦ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହା ସହିତ ଏଥିରେ ବ୍ୟବହୃତ ଗୋଟିଏ ମୋଟର ସାଇକଲ, ଦୁଇଟି ସାଇକଲ ଅବକାରୀ ବିଭାଗ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗମୋହନ ମୁଣ୍ଡା(୪୦), ରାମଚନ୍ଦ୍ର ମାଝୀ(୩୫) ଓ ମୋହନ ମୁଣ୍ଡା (୩୫)। ସମସ୍ତ ଅଭିଯୁକ୍ତଙ୍କ ଘର କାନ୍ତଲ ସୁଆଁ ଗ୍ରାମର। ସେହିପରି ଦୋବଲା ପାଳ ଗ୍ରାମରେ ଚଢ଼ଉ କରାଯାଇ ୧୫ଶହ ମହୁଲ ପୋଚ ନଷ୍ଟ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଅଧିକାରୀ ସିଦ୍ଧେଶ୍ୱର ନାଏକ, ଏସଆଇ ରଞ୍ଜନ କୁମାର ପାତ୍ରଙ୍କ ସମେତ କର୍ମଚାରୀ ସାମିଲ ହୋଇଥିଲେ।

## ଭୂୟାଁରୋଇଡ଼ା ପଞ୍ଚାୟତବାସୀ ବୁଲିବେ ପର୍ଯ୍ୟଟନସ୍ଥଳୀ




**ଯୋଡା,୨୯।୨(ସମିସ):** ଯୋଡା ବ୍ଲକ ଅନ୍ତର୍ଗତ ଭୂୟାଁରୋଇଡା ପଞ୍ଚାୟତର ୧୩ଟି ୱାର୍ଡରୁ ପ୍ରାୟ ୩୫୦ଜଣ ବୃଦ୍ଧ, ବୃଦ୍ଧା ଏବଂ ସ୍ଥାନୀୟ ଗ୍ରାମବାସୀଙ୍କୁ ସ୍ଥାନୀୟ ସରପଞ୍ଚ ତୁଳସୀ ବୋବାଙ୍ଗା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲାଇ ନେଇଛନ୍ତି। ଗୁରୁବାର ଅପରାହ୍ନରେ ଏହି ପର୍ଯ୍ୟଟକମାନେ ଜରୋଳି ରେଳଷ୍ଟେସନରୁ ବଡବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସ ରେଳ ଯୋଗେ ପୁରୀ ଯାତ୍ରୀ କରିଛନ୍ତି। ସେଠାରୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ସ୍ୱତନ୍ତ୍ର ବସ୍ ଯୋଗେ କୋଣାର୍କ, ଚନ୍ଦ୍ରଭାଗା, ଧଉଳି, ଖଣ୍ଡଗିରି, ନନ୍ଦନକାନନ, ତାରାତାରିଣୀ ଭ୍ରମଣ କରିବାର ବ୍ୟବସ୍ଥା ରହିଛି। ୩ଦିନର ଏହି ଭ୍ରମଣରେ ଯାତ୍ରୀମାନଙ୍କୁ ନିମନ୍ତେ ଯାତାୟତ, ରହଣି ଏବଂ ଖାଇବାର ସମସ୍ତ ଖର୍ଚ୍ଚ ସରପଞ୍ଚ ବହନ କରିବେ। ତେବେ ସୋମବାର ଏହି ଯାତ୍ରୀ ପୁନର୍ବାର ଇଣ୍ଟରସିଟି ରେଳ ଯୋଗେ ଜରୋଳି ରେଳଷ୍ଟେସନରେ ପହଞ୍ଚିବେ ବୋଲି ଜଣାପଡିଛି।

## ପାଟଜାଗୁଳାଇ ସ୍କୁଲରେ ପ୍ରତିମୂର୍ତ୍ତି ଉନ୍ମୋଚନ



**ସୋସୋ/ହାଟଡ଼ିହୀ,୨୯।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ଶିକ୍ଷାସର୍କଲ ଅଧୀନ ମିଠିଗାଁ ସ୍ଥିତ ପାଟଜାଗୁଳାଇ ବିଦ୍ୟାଳୟରେ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚିତ ହୋଇଯାଇଛି। ଏଥିରେ ବ୍ଲକ୍ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଷ୍ଠାତା, ପ୍ରଧାନଶିକ୍ଷକଙ୍କ ସହ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ଅବସରନେଲେ ୨ଶିକ୍ଷା ଅଧିକାରୀ ଓ କିରାଣି



**ହାଟଡିହୀ/ସୋସୋ,୨୯।୨(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ଶିକ୍ଷାସର୍କଲର ଗୁରୁଦାୟିତ୍ୱ ବହନ କରୁଥିବା ବ୍ଲକ୍ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ, ସହ-ବ୍ଲକ୍ ଶିକ୍ଷାଧିକାରୀ ତଥା ବିଆର୍‌ସିସି ସୁରେଶ କୁମାର ଜେନା ଏବଂ କନିଷ୍ଠ କିରାଣି ସୁରେନ୍ଦ୍ର କୁମାର ସା ଗୁରୁବାର ଚାକିରି ଜୀବନରୁ ଅବସର ପାଇଛନ୍ତି। ବିଇଓ ଶ୍ରୀଯୁକ୍ତ ଖଣ୍ଡେଇ ୧୯୮୬ ମସିହା ଜୁନ୍ ୨୩ତାରିଖରେ ପ୍ରଧାନଶିକ୍ଷକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ବିଭିନ୍ନ ସମୟରେ ପଦୋନ୍ନତି କରିବା ସହ ୨୦୨୩ ମାର୍ଚ୍ଚ ୧ ଠାରୁ ହାଟଡିହୀ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟରେ ବିଇଓ ଭାବେ ଦାୟିତ୍ୱ ତୁଲାଇ ଆଜି ଅବସର ନେଇଛନ୍ତି। ସହ-ବ୍ଲକ୍ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ସୁରେଶ କୁମାର ଜେନା ମଧ୍ୟ ଅବସର ନେଇଛନ୍ତି। ଶ୍ରୀଯୁକ୍ତ ଜେନା ୧୯୯୧ମସିହାରେ ନନ୍ଦିପଦା ସ୍ଥିତ ବୈରାଗୀ ୟୁପି ସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭ କରି ୨୦୧୮ ମସିହା ଠାରୁ ହାଟଡିହୀ ଶିକ୍ଷାମଣ୍ଡଳର ସହ-ବ୍ଲକ୍ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ରହି ଗୁରୁବାର ଅବସର ନେଇଛନ୍ତି। ଠିକ୍ ଏହିପରି ବ୍ଲକ୍ ଶିକ୍ଷାମଣ୍ଡଳ କାର୍ଯ୍ୟାଳୟର କନିଷ୍ଠ କିରାଣି ସୁରେନ୍ଦ୍ର କୁମାର ସା ଆଜି ଅବସର ନେଇଥିବା ବେଳେ କାର୍ଯ୍ୟାଳୟଟି ସମ୍ପୂର୍ଣ୍ଣ କିରାଣି ଶୂନ୍ୟ ହୋଇପଡ଼ିଥିବା ଦେଖାଯାଇଛି।

## ଆନନ୍ଦପୁର ମହାବିଦ୍ୟାଳୟରେ ଅବସର ସମ୍ବର୍ଦ୍ଧନା




**ଆନନ୍ଦପୁର,୨୯।୨(ସମିସ):** ଆନନ୍ଦପୁର ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରାଧ୍ୟାପକ ଅନନ୍ତ ଚରଣ ମହାନ୍ତି ଓ ଗ୍ରନ୍ଥାଗାର ସହାୟକ ଶତ୍ରୁଘ୍ନ ରାଉଳ ତାଙ୍କ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆନନ୍ଦପୁର ମହାବିଦ୍ୟାଳୟର ଷ୍ଟାଫ୍ ଆସୋସିଏସନ ତରଫରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଷ୍ଟାପ ଆସୋସିଏସନର ସଭାପତି ଅଧ୍ୟାପକ ମାୟାଧର ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଡ. ନାରାୟଣ ମିଶ୍ର ଯୋଗ ଦେଇଥିଲେ। ସମ୍ପାଦକ ପ୍ରାଧ୍ୟାପକ ଶିବଚରଣ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡ. ନିମାଇଁ ଚରଣ ରାଉତ, ପୁଷ୍ପଲତା ରାମ, ପ୍ରାଧ୍ୟାପକ ପ୍ରଦୀପ କୁମାର ଧଳ, ନାରାୟଣ ଦାଶ, ପ୍ରିୟ ସାରଥୀ ମହାପାତ୍ର, ବଶିଷ୍ଠ ବେହେରା, କାହ୍ନୁ ଚରଣ ଜେନା, ରାମଚନ୍ଦ୍ର ମଲିକ, ଦେବବ୍ରତ ରାମ ପ୍ରମୁଖ ନିଜସ୍ୱ କବିତା ଆବୃତି କରିବା ସହିତ ଅଭିଭାଷଣ ରଖିଥିଲେ। ଶେଷରେ ସହ ସମ୍ପାଦକ ରଘୁଦିପ୍ତୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ତେଲକୋଇ, ୨୯।୨ (ସମିସ):** ତେଲକୋଇ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ଦାସଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆ ଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆଜି ଏକ ସଭା ଆୟୋଜିତ ହୋଇଥିଲା। ଓରିଆ କ୍ଲଷ୍ଟରର ସିଆର୍‌ସିସି ନିର୍ମଳ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ଖଗେଶ୍ୱର ମହାନ୍ତ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଅହଲ୍ୟା ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ମହାନ୍ତ ଯୋଗଦେଇଥିଲେ। ଓରିଆ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଅବସର ଗ୍ରହଣ କରୁଥିବା ଶିକ୍ଷକ ବିଜୟ କୁମାର ଦାସ ଶିକ୍ଷା କ୍ଷେତ୍ରରେ ଉଚ୍ଚ କୋଟିର ଶିକ୍ଷା ଦାନ କରିଥିବା ସହିତ ଛାତ୍ର ଛାତ୍ରୀଙ୍କ ଅତି ନିକଟତର ହୋଇ ପାରିଥିଲେ।

## ବନପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା




**ପାଟଣା,୨୯।୨(ସମିସ):** ପାଟଣା ବନ ରେଞ୍ଜ ଅନ୍ତର୍ଗତ ଖିରେଇଟାଙ୍ଗିରି ସେକ୍ସନର କାର୍ଯ୍ୟରତ ବନପାଳ ଶିବନାରାୟଣ ଦେବ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବନବିଭାଗ ପକ୍ଷରୁ ପାଟଣା ବନ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସିଏଫ ଜିତେନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ତାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପାଟଣା ବନପାଳ ପିଅନ ନାଏକ, ସାହାରପଡା ବନପାଳ ଭୂପତି ସେଠୀ, ଖିରେଇଟାଙ୍ଗିରି ବନରକ୍ଷୀ ଡଲିରାଣୀ ସାହୁ, ଖିରେଇଟାଙ୍ଗିରି ବନରକ୍ଷୀ ଲକ୍ଷ୍ମୀ ପ୍ରିୟା ମହାନ୍ତ, ପାଟଣା ବନରକ୍ଷୀ ଦେବଜାନୀ ମହାନ୍ତ, ନିରୁପମା ମହାକୁଡ଼, ରଞ୍ଜିତ ମହାନ୍ତ, ଦୀପକ ରଣାଙ୍କ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ଚତୁର୍ଥ ଶ୍ରେଣୀ କର୍ମଚାରୀ ଅବସର ନେଲେ



**ପାଟଣା,୨୯।୨(ସମିସ):** ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ରମେଶ ଚନ୍ଦ୍ର ମହାନ୍ତଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ମୁଖ୍ୟବକ୍ତା ଭାବେ ପଲାଣଘାଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପଲେଇ, ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟା ଜମ୍ମୁ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନୃସିଂହ ଚରଣ ବେଜ, ସଦସ୍ୟ ନରେନ୍ଦ୍ର କୁମାର ମହାନ୍ତ, ବୈଦ୍ୟନାଥ ବେହେରା, ଶିକ୍ଷକ ଭବାନୀ ଶଙ୍କର ମହାନ୍ତ, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସମ୍ବର୍ଦ୍ଧନା ସଭାରେ ସହକାରୀ ଶିକ୍ଷକ ସହଦେବ ମହାନ୍ତ ସଂଯୋଜନା କରିଥିଲେ। ଶିକ୍ଷକ ଶ୍ରୀନିବାସ ଶତପଥୀ, ଲକ୍ଷ୍ମଣ କୁମାର ମହାନ୍ତଙ୍କ ସମେତ ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସୋସୋ,୨୯।୨(ସମିସ):** ହାଟଡିହି ବ୍ଲକ ପାଟଜାଗୁଲାଇ ଉପ୍ରା ବିଦ୍ୟାଳୟ ପକ୍ଷରୁ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଧନେଶ୍ୱର ଖଣ୍ଡେଇଙ୍କୁ ବିଦାୟକାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛିଙ୍କ ଶିକ୍ଷକ ହରେକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ କୀର୍ତ୍ତନ ବିହାରୀ ଧଳ, ପ୍ରଧାନ ଶିକ୍ଷକ ମୋହନ କୁମାର ମହାନ୍ତି, କମିଟି ଚେୟାରମ୍ୟାନ ମାୟାଧର ଜେନା, କମିଟି ଉପାଧକ୍ଷ କାମିନି ଭୋଇଁ, ନିତ୍ୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ମାନପତ୍ର, ଉତ୍ତରିୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଛି। ଶିକ୍ଷକ ଦେବାନନ୍ଦ ଗିରି, କୃଷ୍ଣଚନ୍ଦ୍ର କର, ସତ୍ୟସୁନ୍ଦର ପରିଡା, ଅମିୟ ରଞ୍ଜନ ଘଡେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଆଦିବାସୀ ଅଞ୍ଚଳକୁ ସବୁଦିନିଆ ପକ୍କା ସଡ଼କ

# ୪ଟି ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

**ଆନନ୍ଦପୁର,୨୯।୨(ସମିସ)**

ଆନନ୍ଦପୁର ବ୍ଲକର ଆଦିବାସୀ ବହୁଳ ଅଞ୍ଚଳ ଗୟଳମୁଣ୍ଡା, ପଣସଡିହା ଓ ମନୋହରପୁରକୁ ନିର୍ମାଣ ହେବ ସବୁଦିନିଆ ପକ୍କା ରାସ୍ତା। ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀଙ୍କ ଦ୍ୱାରା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ଏବଂ ଗୃହ ବିଭାଗ ପକ୍ଷରୁ ୪ ଗୋଟି ରାସ୍ତାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ରାସ୍ତା ପାଇଁ ଅନୁଦାନ ମିଳିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ଶିଳାନ୍ୟାସ ଉତ୍ସବରେ ସୂଚନା ଦେଇଥିଲେ। ଗୟଳମୁଣ୍ଡାଠାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ରାସ୍ତାର



ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗିରିଧାରୀ ମହାନ୍ତ, ଗୟଳମୁଣ୍ଡା ସରପଞ୍ଚ କ୍ଷୀରୋଦ ମହାନ୍ତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ କେଳୁଚରଣ ଦଳେଇ, କନିଷ୍ଠ ଯନ୍ତ୍ରୀ ଲିପୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଅସିତ ପାତ୍ରୋ, କନିଷ୍ଠ ଯନ୍ତ୍ରୀ ରଜତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦେଓଝରେ ବିଦ୍ୟାଳୟଠାରୁ ଗୟଳମୁଣ୍ଡା କଲୋନି ସାହି ରାସ୍ତା, ଧବଣିଠାରୁ ମାଉନାଡିହି ଓ ପୁତୁଝରିଠାରୁ ବାଦୁଡିଘେରା ରାସ୍ତାର ବିଧାୟକ ଶ୍ରୀ ସେଠୀ ଶିଳାନ୍ୟାସ କରିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହନିର୍ମାଣ ବିଭାଗ ପକ୍ଷରୁ ୨୪ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ୨୦କିମି ବିଶିଷ୍ଟ ଏହି ରାସ୍ତାର ନିର୍ମାଣ ଦାୟିତ୍ୱ ଦୁର୍ଗା କନଷ୍ଟ୍ରକସନ ନାମକ ଏକ ଠିକା ସଂସ୍ଥାକୁ ପ୍ରଦାନ କରାଯାଇଛି। ଏହି ରାସ୍ତା ନିର୍ମାଣ ହେଲେ ଆଦିବାସୀ ଇଲାକାକୁ ଗମନାଗମନ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ଜଣାଯାଇଛି।

## କଣ୍ଟିଆପଡ଼ାରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

**ତୁରୁମୁଙ୍ଗା,୨୯।୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ଗ୍ରାମରେ ଗୁରୁବାର 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା ମିତ୍ରଭାନୁ ମହାନ୍ତଙ୍କ ନେତୃତ୍ୱରେ ଘର ସମ୍ମୁଖରେ ବିଜୁ ଜନତା ଦଳୀୟ ଶଙ୍ଖ ଚିହ୍ନ ମାରିବା ସହ ସରକାରଙ୍କ ଯୋଜନାରୁ ବଞ୍ଚିତ ଥିବା ଲୋକଙ୍କ ନାମ ସଂଗ୍ରହ କରାଯିବା ସହ ଲୋକଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ମହିଳା ସଭାନେତ୍ରୀ ସଂଯୁକ୍ତା ନାଏକ ଲକ୍ଷ୍ମୀ ନାଏକ, ଫୁଲଣା ମହାନ୍ତ, ବନ୍ଦିତା ନାଏକ, ଅଞ୍ଜଳି ମହାନ୍ତ, ଚମ୍ପା ମହାନ୍ତ ସମେତ ଚନ୍ଦ୍ରଭାନୁ ବେହେରା, ଫକୀର ବେହେରା, ମହେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ଅବଗତ କରାଯାଇଥିଲା।



## ମାନସିକ ଭିନ୍ନକ୍ଷମ ବୃଦ୍ଧା ନିଖୋଜ

**ଯୋଡା,୨୯।୨ (ସମିସ):** ଯୋଡ଼ା ପୌରପାଳିକା ଅନ୍ତର୍ଗତ ୱାର୍ଡ ନଂ ୬ ବଡୁହଟିଂର ମାନସିକ ଭିନ୍ନକ୍ଷମ ବୃଦ୍ଧା ମାନି ମୁଣ୍ଡା (ଫ୭୦) ଗତ ଜାନୁଆରି ମାସରୁ କେଉଁଆଡେ ନିଖୋଜ ହୋଇଯାଇଛନ୍ତି। ତାଙ୍କ ପରିବାର ଲୋକଙ୍କ କହିବା ମୁତାବକ, ସେ ବସ୍ କିମ୍ବା ଟ୍ରେନରେ କେବେ ଯାତାୟତ କରିପାରିବେ ନାହିଁ। ତାଙ୍କୁ ଆଖପାଖ, ବନ୍ଧୁବାନ୍ଧବ ସବୁଠାରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ତେଣୁ ପରିବାର ଲୋକେ ସେବେଠାରୁ ଚିନ୍ତାରେ ରହିଛନ୍ତି। ଏ ନେଇ ଯୋଡ଼ା ଥାନାରେ ଜାନୁଆରୀ ୧୦ ତାରିଖରେ ତାଙ୍କ ଝିଅ ମୀନା ମୁଣ୍ଡା ଏକ ଲିଖିତ ଏତଲା ଦାୟର କରିଛନ୍ତି। କେହି ତାଙ୍କର ସନ୍ଧାନ ପାଇଲେ ଯୋଡା ଥାନାରେ ଜଣାଇବାକୁ ଅନୁରୋଧ କରିଛନ୍ତି।

## ଶାଳପଡା ଜଳସମ୍ପଦ କାର୍ଯ୍ୟାଳୟରେ ଭଙ୍ଗାରୁଜା; ଜଣେ ଗିରଫ

**ଆନନ୍ଦପୁର,୨୯।୨(ସମିସ):** ଶାଳପଡାସ୍ଥିତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଆଜି ଜୈନେକ ଯୁବକ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବା ସହିତ ମାଡ ମାରିଥିବା ଅଭିଯୋଗରେ ଆକ୍ରମଣକାରୀ ଯୁବକକୁ ଘସିପୁରା ପୁଲିସ ଗିରଫ କରି କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି। ମିଳିଥିବା ସୂଚନାନୁଯାୟୀ, ଦିନ ପ୍ରାୟ ୧୧ ଘଟିକା ସମୟରେ ସ୍ଥାନୀୟ ବାରିଗାଁ ଗ୍ରାମର କ୍ଷେତ୍ରବାସୀ ପାଢି ନାମକ ଯୁବକ ହଠାତ କାର୍ଯ୍ୟାଳୟ ଭିତରକୁ ପଶି ଆସି କାର୍ଯ୍ୟରତ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବା ସହିତ ମାଡ ମାରିବାକୁ ଉଦ୍ୟତ ହୋଇଥିଲେ। ଏହି ଘଟଣାରେ କର୍ମଚାରୀମାନେ ଭୟଭୀତ ହୋଇ ଅଫିସ ଛାଡି ପଳାଇଥିବା ବେଳେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲା। ଏନେଇ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଲକ୍ଷ୍ମଣ ମାରାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରି ଆନନ୍ଦପୁର କୋଟକୁ ଚାଲାଣ କରିଥିବା ଜଣାଯାଇଛି।

## ଗୋପାଳପୁର ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋସୋ,୨୯।୨(ସମିସ):** ହାଟଡିହି ବ୍ଲକ ଶାସଙ୍ଗ ପଞ୍ଚାୟତ ଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷୀକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନାତନ ଓଝାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଅରୁଣ କୁମାର ପଣ୍ଡା, ସରପଞ୍ଚ ମଧୁମିତା ସ୍ୱାଇଁ, ଏବିଇଓ ପ୍ରମୋଦ କୁମାର ନାୟକ, ପ୍ରଫୁଲ୍ଲ କୁମାର ଜେନା, ସିଆରସିସି ଅଞ୍ଜନ କୁମାର ଦାସ, ଶିଶିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଆନନ୍ଦପୁର,୨୯।୨(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଧକୋଠାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ପ୍ରଧାନ ଶିକ୍ଷକ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଶିକ୍ଷକ ପ୍ରଦୀପ ପଲେଇ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଶିକ୍ଷୟତ୍ରୀ ଦୀପିକା ମହାନ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ବବିତା ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ଝାଡେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ ଅଜୟ କୁମାର ସାହୁ ଓ ମୁଖ୍ୟ ବକ୍ତା ଭାବେ ଟୁକୁଣା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟାପକ ସୁଦର୍ଶନ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷକ ଶତ୍ରୁଘ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁଚିତ୍ରା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ଅସହାୟ ଆଦିବାସୀ ପରିବାରକୁ ସହାୟତା



**ପାଟଣା,୨୯।୨(ସମିସ):** ପାଟଣା ବ୍ଲକ ପଲାଣଘାଟି ଗ୍ରାମପଞ୍ଚାୟତ ପଲାଣଘାଟି ଗ୍ରାମର ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ଆଦିବାସୀ ସମ୍ପ୍ରଦାୟର କାନ୍ଦରୀ ମୁଣ୍ଡାଙ୍କ ମୃତ୍ୟୁ ପରେ ଶାରୀରିକ ଅକ୍ଷମଥିବା ମଙ୍ଗଳା ମୁଣ୍ଡା ଓ ତିନି ନାବାଳକ ପିଲା ଶୁଦ୍ଧିକ୍ରିୟା ପାଇଁ ଅସମର୍ଥତା ପ୍ରକାଶ କରି ଭରସା ପରିବାରକୁ ସହାୟତା ପାଇଁ ଅନୁରୋଧ କରିଥିଲେ। ସଭାପତି ଲମ୍ବୋଦର ମହାନ୍ତଙ୍କ ସମ୍ମତିକ୍ରମେ ପାଟଣା ବ୍ଲକ ସଭାପତି ଭରତ ଚନ୍ଦ୍ର ମହାନ୍ତ, ସମ୍ପାଦକ ବାପୁନ କୁମାର ମହାନ୍ତ, ମହେଶ୍ୱର ମହାନ୍ତ, ରବୀନ୍ଦ୍ର ମୁଣ୍ଡା, ବାସନ୍ତି ମହାନ୍ତ, ତୁଳସୀରାମ ମହାନ୍ତ, ହିମାଂଶୁ ମହାନ୍ତ, ଜ୍ୟୋତ୍ସ୍ନାରାଣୀ ମହାନ୍ତ, ପଦ୍ମାବତୀ ମହାନ୍ତ, ଯୋଗେନ୍ଦ୍ର ମହାନ୍ତ ପ୍ରମୁଖ ଅସହାୟ ପରିବାରକୁ ଭେଟି ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକୀୟ ତେଜରାତି ସାମଗ୍ରୀ, ଶୁଖିଲା ଖାଦ୍ୟ ଇତ୍ୟାଦି ପ୍ରଦାନ ପୂର୍ବକ ସମବେଦନା ଜଣାଇଥିଲେ।

## ଆମ ବ୍ୟାଙ୍କ୍ ସେବା ଉଦ୍‌ଘାଟିତ

**ରାମଚନ୍ଦ୍ରପୁର,୨୯।୨(ସମିସ):** ବ୍ୟାଙ୍କିଙ୍ଗ ସେବା ହାତ ପାହାନ୍ତାରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ପଞ୍ଚାୟତରେ ସିଏସ୍‌ସି+ ବ୍ୟାଙ୍କ ଶାଖା ଉଦଘାଟନ କରିଛନ୍ତି। ସେହି କ୍ରମରେ ଘସିପୁରା ବ୍ଲକ ଗୋହିରା ଓ ଗଁପୁର ପଞ୍ଚାୟତ ଠାରେ ସିଏସସି+ ବ୍ୟାଙ୍କି ସେବା ଉଦ୍‌ଘାଟନ କରିଛନ୍ତି। ଗଁପୁର ପଞ୍ଚାୟତରେ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରୀନାରାୟଣ ପାତ୍ର, ଘସିପୁରା ବିଡିଓ ମାନସ ରଞ୍ଜନ ସାମଲ, ଗଁପୁର ସରପଞ୍ଚ ରିନାରାଣୀ ଜେନା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ରଶ୍ମିରଞ୍ଜନ ମହାରଣା, ସେହିପରି ଗୋହିରା ପଞ୍ଚାୟତରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ



ଦେବାଶିଷ ପାତ୍ର, ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ସାହୁ, ସ୍ଥାନୀୟ ସରପଞ୍ଚ ମନ୍ଦାକିନୀ ପାତ୍ର ସମିତିସଭ୍ୟ ରଶ୍ମିରାଣୀ ନାୟକ, ଗୋହିରା ପଞ୍ଚାୟତର ସମାଜସେବୀ ପ୍ରଭଞ୍ଜନ ଚକ୍ର, ପରେଶ କୁଅଁର, ଗୋହିରା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରସନ୍ନ ପାତ୍ର, ବ୍ୟାଙ୍କ ମିତ୍ର ଜାନକୀ ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଲାଲମୋହନ ନାୟକ, ଜିଆର୍‌ଏସ ମୋନାଲିସା ଶତପଥୀ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତବାସୀଙ୍କୁ ଉତ୍ସାହିତ କରିଥିଲେ। ବାଙ୍କ ଅଫ ଇଣ୍ଡିଆ ଶାଖା ପକ୍ଷରୁ ଏହି ସେବା ଯୋଗାଇ ଦିଆଯାଇଥିବା ଜଣାପଡିଛି।

## ଟୋଲଙ୍କପଡାରେ ଖୋଲିଲା 'ଆମ ବ୍ୟାଙ୍କ ସେବା'

**ବେଲବାହାଳି,୨୯।୨(ସମିସ):** ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମରେ ଆଜି ''ଆମ ବ୍ୟାଙ୍କ ସେବା' କେନ୍ଦ୍ର ଉଦଘାଟନ କରାଯାଇଛି। ହରିଡାପାଳ ପଞ୍ଚାୟତର ସରପଞ୍ଚ ମିନତି ମହାରଣାଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଚିତ୍ର କୁମାର କର, ଜେଇ ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ 'ଆମ ବ୍ୟାଙ୍କ୍ ସେବା' କେନ୍ଦ୍ରମାନ ଖୋଲା ଯାଉଥିବା ବେଳେ ଆଜି ଟୋଲଙ୍କପଡାରେ ବ୍ୟାଙ୍କ୍ ଅଫ ଇଣ୍ଡିଆର ଏକ ଗ୍ରାହକ ସେବା କେନ୍ଦ୍ର ଖୋଲାଯାଇଛି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କୁମୁଦିନୀ ଜେନା, ଗ୍ରାମ ରୋଜଗାର ସେବକ ଚିନ୍ମୟ ନାୟକ, ସମିତିସଭ୍ୟା ବିଦ୍ୟୁତ ଲତା ସାହୁ, ଏମବିକେ ଜ୍ୟୋତ୍ସ୍ନାରାଣୀ ରାଉତ, ସମାଜ ସେବୀ ସୁମନ୍ତ ମହାରଣା, ହିମାଂଶୁ ସାହୁ, ଅନନ୍ତ ରାଉତ, ପପୁନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ କାୟାକଳ୍ପ ଦଳ

**ଚମ୍ପୁଆ,୨୯।୨(ସମିସ):** ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ କାୟାକଳ୍ପ ପ୍ରତିନିଧି ଦଳ ପରିଦର୍ଶନ କରିବା ସହିତ ଚିକିତ୍ସାଳୟର ବିଭିନ୍ନ ଦିଗପ୍ରତି ତର୍ଜମା କରିଥିବା ଜଣାଯାଇଛି। ଏହି ପ୍ରତିନିଧି ଦଳ ଆନୁସାଙ୍ଗିକ ବ୍ୟବସ୍ଥା ତଦାରଖ କରିବା ସହିତ ସ୍ୱାସ୍ଥ୍ୟସେବା ନେଇ ରୋଗି, କର୍ମଚାରୀ, ଡାକ୍ତରମାନଙ୍କ ସହ ଆଲୋଚନା କରିଥିଲେ। ବିଷେଷ ଭାବରେ ଏହି ଦଳ ଆଶୁଚିକିତ୍ସା, ଅପରେସନ ଥିଏଟର, ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ, ଓପିଡି, ନିରାମୟ, ମେଡିସିନ ଷ୍ଟୋର, ଔଷଧିୟ ବଗିଚା, ରୋଷେଇ ଗୃହ, ଲଣ୍ଡ୍ରି, ଏମ୍‌ସିଏଚ୍ ଆଦି ବୁଲିଦେଖିବା ସହିତ ଡାକ୍ତର, ନର୍ସ ମାନଙ୍କ ସହ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ। ଏହି ପ୍ରତିନିଧି ଦଳରେ ସହ ନିର୍ଦ୍ଦେଶକ(ଟିବି) ଡା. ଅର୍ଘ ପ୍ରଧାନ, ପିପିପି କନସଲଟାଣ୍ଟ ସନ୍ତୋଷ କୁମାର ନାୟକ, ଏନଆଇପିଆଇ ଏସପିଏମ ଦିପକ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଚିତ୍ସାଳୟ ପରିଦର୍ଶନ କରିଥିବା ବେଳେ ଡା. ଧର୍ମପଦ ଦାସ ମହାପାତ୍ର, ଡା. ସୁନାରାମ ମୁର୍ମୁ, ଡା. ଯୋଗେନ୍ଦ୍ର ନାଥ ଅଧିଆ, ଜ୍ୟୋତିରଞ୍ଜନ ମଲ୍ଲିକ, ଡା. ଚିରଞ୍ଜୀବୀ ଚୌଧୁରୀ, ଡା. ସୁମିତ ବିଶ୍ୱଳେ, ଡା. ଦିପଙ୍କର ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ଶିଶୁମନ୍ଦିରରେ ବିଜ୍ଞାନ ଦିବସ

**ଚମ୍ପୁଆ,୨୯।୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ସଂଯୋଜନାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସହ ପ୍ରଧାନ ଆଚାର୍ଯ୍ୟ ବ୍ରଜ କିଶୋର ମହାନ୍ତ ଯୋଗ ଦେଇ ଥିବା ବେଳେ ଆଚାର୍ଯ୍ୟା ସରଳା ପ୍ରଧାନ ଅତିଥି ପରିଚିତ ପ୍ରଦାନ କରିଥିଲେ। ଏଥିରେ ସରୋଜ କୁମାର ପାତ୍ର, ଉଗ୍ରସେନ ମହାନ୍ତ, ରବିନ କୁମାର ମହାନ୍ତ, ଓମପ୍ରଭା ପ୍ରଧାନ, ନିର୍ମଳ ଚନ୍ଦ୍ର ମହାନ୍ତ, କୀର୍ତ୍ତି ଚନ୍ଦ୍ର ମହାପାତ୍ର, ବିନୋଦ କୁନାର ମହାନ୍ତ, ବାଲ୍ମିକୀ ନାଏକଙ୍କ ସମେତ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ।

## ପଞ୍ଚାୟତ ଓ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର

**ଆନନ୍ଦପୁର,୨୯।୨(ସମିସ)**

ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆନନ୍ଦପୁର ବ୍ଲକ ବେଲବାହାଳି ପଞ୍ଚାୟତର ୨୪ଜଣ ମେଧାବୀ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଏବଂ ବେଲବାହାଳି ପଞ୍ଚାୟତ ସରପଞ୍ଚ ଦୀପ୍ତି ସାହୁ ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଶିକ୍ଷା ପରିବେଶ ସହିତ ଜଡିତ ସମସ୍ତଙ୍କ ଉତ୍ସାହ, ମନୋବଳ ବୃଦ୍ଧି କରିଛି। ପିଲାଙ୍କ ସ୍ୱପ୍ନକୁ ଅଧିକ ଉଚ୍ଚ କରିବା ଏବଂ ପୂରଣ କରିବାର ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ଦିଗରେ ଏହି ପୁରସ୍କାର ସହାୟକ ହେବ ବୋଲି ସରପଞ୍ଚ ଦୀପ୍ତି ସାହୁ କହିଥିଲେ। ସେହିପରି ପୁରୁଣିଆ ନୋଡାଲ ଉଚ୍ଚ



ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ପୁରସ୍କାର ପ୍ରଦାନ କରାଯାଇଥିବାରୁ ଅଞ୍ଚଳବାସୀ, ଅଭିଭାବକ, ଶିକ୍ଷକଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ଗୌରି ନାୟକ, ସହକାରୀ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଙ୍କଠାରୁ ପୁରୁଣିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପଙ୍କଜିନୀ ସାହୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦପୁରର ଏବିଇଓ ହେମେନ୍ଦ୍ର କୁମାର ମହାନ୍ତି, ଅତୁଲ କୁମାର ବଳ, ଅହଲ୍ୟା ଜେନା ଏହି ଉତ୍ସବରେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଆଲୁମୁନି କମିଟିର ସଭାପତି ଶିବପ୍ରସାଦ ଚାନ୍ଦ ସଦସ୍ୟ ବାଇଧର ପରିଡା, କୁଳମଣି ରାଉତ ପ୍ରଭୃତି ସଦସ୍ୟଙ୍କ ସହ ଯୋଗରେ ବିଦ୍ୟାଳୟର ଉନ୍ନତିମୂଳକ କାର୍ଯ୍ୟ ଓ ଉତ୍ତମ ପରିଚାଳନା ଚାଲିଥିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସାହୁ କୃତଜ୍ଞତା ଜଣାଇଛନ୍ତି।

